## ଦୁଇ ବାଲି ବୋଝେଇ ଡମ୍ପର ଜବତ

ରୂପସା/ବସ୍ତା,(ଡି.ଏନ.ଏ.)-ବାଲେଶ୍ୱର ଜିଲା ବସ୍ତା ତହସିଲ ପକ୍ଷରୁ ଶନିବାର ଚଢ଼ାଉ କରାଯାଇ ଦୁଇଟି ବେଆଇନ ବାଲି ବୋଝେଇ ଡମ୍ପର ଜବତ କରାଯାଇଛି। ଅତିରିକ୍ତ ତହସିଲଦାର ସମ୍ବିତ ଶୁଭଦର୍ଶନ ଧଳ ଚଢ଼ାଉ କରି ମଥାନୀ ନିକଟରୁ ଓଡ଼ି୦୧ଏକେ-୦୮୭୯ ନମ୍ବର ବିଶିଷ୍ଟ ଏକ ବେଆଇନ ବାଲି ବୋଝେଇ ଡମ୍ପର ଓ ଅମର୍ଦ୍ଦା ଛକ ନିକଟରୁ ଓଡ଼ି୦୧କ୍ୟୁ- ୮୨୬୬ ନମ୍ବର ବିଶିଷ୍ଟ ଏକ ଡମ୍ପରକୁ ଜବତ କରିଥିଲେ। ଉଭୟ ଡମ୍ପରକୁ ମୋଟ ୭୫ ହଜାର ଟଙ୍କା ଜରିମାନା କରାଯାଇଛି।

## ସଂକ୍ଷେପରେ

### ନିଖୋଜ ମହିଳାଙ୍କ ଗଳିତ ମୃତଦେହ ଜବତ

ରୂପସା, ୮।୧୦(ଡି.ଏନ.ଏ.)-ବାଲେଶ୍ୱର ଜିଲା ସିଂଲା ଥାନା କୁଶୁଡ଼ିହା ନିକଟ ପଳପଳା ନଦୀରୁ ଶନିବାର ଜଣେ ମହିଳାଙ୍କ ଗଳିତ ମୃତଦେହ ଜବତ ହୋଇଛି। ମୃତ ମହିଳା ହେଲେ ସ୍ଥାନୀୟ ବାଉଁଶବଣି ଗ୍ରାମର ବୁଦ୍ଧିଆ ବେଶରାଙ୍କ ସ୍ତ୍ରୀ ସୀତା। ସେ ଗତ ୨/୩ ଦିନ ଧରି ନିଖୋଜ ଥିଲେ। ସକାଳେ ତାଙ୍କର ମୃତଦେହ ନଦୀରେ ଭାସୁଥିବା ଦେଖି ସ୍ଥାନୀୟ ଲୋକେ ପୋଲିସକୁ ଖବର ଦେଇଥିଲେ। ଏ ସମ୍ପର୍କରେ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ କରାଇଛି। ମୃତ୍ୟୁର କାରଣ ଜଣା ପଡ଼ିନାହିଁ।

### ନଦୀରୁ ଶିଶୁକନ୍ୟା ମୃତଦେହ ଜବତ

ତେଲକୋଇ,୮।୧୦(ଡି.ଏନ୍.ଏ.): କେନ୍ଦୁଝର ଜିଲା ତେଲକୋଇ ମୁଖ୍ୟାଳୟର ସାମାକୋଇ ନଦୀରୁ ଶନିବାର ଶିଶୁ କନ୍ୟାର ମୃତଦେହ ପୋଲିସ ଜବତ କରିଛି। କନ୍ୟା ସନ୍ତାନ ଯୋଗୁ କିମ୍ବା ଅବୈଧ ସମ୍ପର୍କ ଲୁଚାଇବାକୁ କେହି ନଦୀରେ ଫିଙ୍ଗି ଦେଇଥିବା ଅନୁମାନ କରାଯାଉଛି। ଘଟଣା ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି। ପୋଲିସ ଘଟଣାକୁ ଗୁରୁତର ସହ ନେଇ ତଦନ୍ତ ଆରମ୍ଭ କରିଛି।

### ବିର୍ସା ମୁଣ୍ଡାଙ୍କ ପ୍ରତିମୂର୍ତ୍ତି ସ୍ଥାପନ ନିମନ୍ତେ କମିଟି

ପାଟଣା,୮।୧୦(ସ୍ୱ.ପ୍ର.): କେନ୍ଦୁଝର ଜିଲା ପାଟଣା ବ୍ଲକ୍ ଡୁମୁରିଆ ପଞ୍ଚାୟତ ଅନ୍ତର୍ଗତ ୯ ଗ୍ରାମର ଶତାଧିକ ଲୋକଙ୍କ ଉପସ୍ଥିତିରେ ଗୁରୁବାର ବାଇଦବଜା ଗ୍ରାମରେ ବିର୍ସା ମୁଣ୍ଡାଙ୍କ ପ୍ରତିମୂର୍ତ୍ତି ସ୍ଥାପନ ପାଇଁ ନିଷ୍ପତ୍ତି ହୋଇଛି। ଏହାକୁ ଚୂଡ଼ାନ୍ତ ରୂପରେଖ ଦେବାପାଇଁ 'ବିର୍ସା ମୁଣ୍ଡା ହୋ ସମାଜ ଆକାଳ' କମିଟି ଗଠିତ ହୋଇଛି। କମିଟିରେ ୧୨ ଜଣ ସଦସ୍ୟ ରହିଛନ୍ତି। ବ୍ଲକ୍ ସମ୍ପାଦକ ସୁଦର୍ଶନ ମୁଣ୍ଡାଙ୍କ ଉପସ୍ଥିତିରେ ସମସ୍ତଙ୍କ ସମ୍ମତି କ୍ରମେ ସଭାପତି ଭାବେ ମହାନ୍ତି ତିୟୁ, ଉପସଭାପତି ଭାବେ ମାନକି ମୁଣ୍ଡା, ସମ୍ପାଦକ ଭାବେ ଜଗବନ୍ଧୁ ଚାମ୍ପିୟା, ସହ ସମ୍ପାଦକ ଭାବେ ବିଶ୍ୱନାଥ ଶୁଣ୍ଡି, କାର୍ଯ୍ୟକାରୀ ସଭାପତି ଗୋପୀନାଥ ଚାମ୍ପିୟା, କୋଷାଧକ୍ଷ ସୁଦର୍ଶନ ଶୁଣ୍ଡି, ପରାମର୍ଶଦାତା ମହେଶ୍ୱର ସୁଣ୍ଡି, ସଂଯୋଜକ ଭାବେ ଦିବୁରୁ ତିୟୁ ଓ ମନୋଜ ଶୁଣ୍ଡି ମନୋନୀତ ହୋଇଛନ୍ତି।

### ଗଣ୍ଡିବେଡରେ ଦୁର୍ଗାପୂଜା, ସାଂସ୍କୃତିକ କାର୍ଯ୍ୟକ୍ରମ

ଖଇରା, ୮।୧୦(ଡି.ଏନ.ଏ.)-ବାଲେଶ୍ୱର ଜିଲା ଖଇରା ବ୍ଲକ ଗଣ୍ଡିବେଡଠାରେ ଶାରଦୀୟ ଦୁର୍ଗାପୂଜା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅଷ୍ଟମୀରେ ବହୁ ଭକ୍ତଙ୍କ ସମାଗମ ହୋଇଥିଲା। ସନ୍ଧ୍ୟାରେ ଭୁବନେଶ୍ୱରରୁ ଆସିଥିବା କଳାକାରଙ୍କ ଦ୍ୱାରା ଭଜନ ପରିବେଷଣ କରାଯାଇଥିଲା। ନବମୀ ଓ ଦଶମୀରେ ପୂଜା ହୋଇଥିଲା। କମିଟି ସଭାପତି ଭାଗୀରଥି ଦାସଙ୍କ ସମେତ କାର୍ଯ୍ୟକାରୀ ସଭାପତି ବିଜୟକେତନ ନାୟକ, ସମ୍ପାଦକ ମାନସ ରଞ୍ଜନ ରାଉଳ, ଇନ୍ଦୁଭୂଷଣ ପ୍ରଧାନ, ରାମଚନ୍ଦ୍ର ବେହେରା, ଉପେନ୍ଦ୍ର ନାୟକ, ବୁଦ୍ଧିରାମ ବଗୁଡାଇ, ଜୀବନଜ୍ୟୋତି ଦାସଙ୍କ ସମେତ ପୂଜା ପରିଚାଳନାରେ କମିଟି କର୍ମକର୍ତ୍ତା ସହଯୋଗ କରିଥିଲେ।

# ହାତୀ ମୃତ୍ୟୁ ରୋକିବ ସୌର ତାରବାଡ଼

**ଯୋଡ଼ାରେ ଆରମ୍ଭ ହେଲା ପାଇଲଟ ପ୍ରୋଜେକ୍ଟ**

- ୧୦ହଜାର ଭୋଲ୍ଟର କରେଣ୍ଟ ପ୍ରବାହିତ ହେବ
- ତାରରେ ଲାଗିଲେ ସାଇରନ ବାଜିବ

ଯୋଡ଼ା,୮।୧୦(ଡି.ଏନ୍.ଏ.)

କେନ୍ଦୁଝର ବନଖଣ୍ଡର ଚମ୍ପୁଆ ରେଞ୍ଜ ଅଧୀନ ତଥା ଯୋଡ଼ା ବନପାଳ ଅନ୍ତର୍ଗତ ଯୁରୁଡ଼ି କ୍ରେଟ୍ ହଟିଂ ରେଲ୍‌ୱେ କ୍ରସିଂ ନିକଟରେ ହାତୀଙ୍କୁ ସୁରକ୍ଷା ଉଦ୍ଦେଶ୍ୟରେ ଏକ ଝୁଲନ୍ତା ସୌର ତାରବାଡ଼ (ହ୍ୟାଙ୍ଗି ସୋଲାର ଫେନ୍ସିଂ) ବ୍ୟବସ୍ଥା କରାଯାଇଛି। ଏହାକୁ ଶନିବାର କେନ୍ଦୁଝର ଡିଏଫ୍‌ଓ ଧନରାଜ ଏଚ୍‌ଡିଙ୍କ ଉପସ୍ଥିତିରେ ଯୋଡ଼ା ବ୍ଲକ ଅଧ୍ୟକ୍ଷ କବିନ୍ଦ୍ର ନାଏକ ଉଦ୍‌ଘାଟନ କରିଛନ୍ତି। ରେଲ୍‌ୱେ କ୍ରସିଂକୁ ଲାଗି ବାମେବାରି–ଯୋଡ଼ା ରାଜ୍ୟ ରାଜପଥ ରହିଛି। ରାଜପଥ ସଂଲଗ୍ନ ଜଙ୍ଗଲରୁ ହାତୀମାନେ ଯାତାୟାତ କରୁଥିବା ବେଳେ ଉକ୍ତ ରେଲୱେ କ୍ରସିଂ ଦେଇ ରେଳଧାରଣା ମଧ୍ୟକୁ ଚାଲିଯାଆନ୍ତି। ଫଳରେ ଅନେକ ସମୟରେ ଦୁର୍ଘଟଣାଗ୍ରସ୍ତ ହୋଇ ହାତୀଙ୍କ ଜୀବନହାନି ହୋଇଛି। ଏହାକୁ ଦୃଷ୍ଟିରେ ରଖି ବନବିଭାଗ ପକ୍ଷରୁ ଏହି ବ୍ୟବସ୍ଥା କରାଯାଇଥିବା ଡିଏଫ୍‌ଓ ପ୍ରକାଶ କରିଛନ୍ତି।

ବନବିଭାଗ ପକ୍ଷରୁ ସୂଚନା ଯେ, ଏହି ପାଇଲଟ ପ୍ରୋଜେକ୍ଟ ବୈତରଣୀ (କ) ସଂରକ୍ଷିତ ଜଙ୍ଗଲରେ ପ୍ରଥମ ଥର ପାଇଁ ଆରମ୍ଭ ହୋଇଛି। ସୋଲାର ଫେନ୍ସି ମାଧମରେ ପ୍ରାୟ ୧୦ହଜାର ଭୋଲ୍ଟର କରେଣ୍ଟ ୨୪ଘଣ୍ଟା ପ୍ରବାହିତ ହେବ। ଏହା ସଂସ୍ପର୍ଶରେ ହାତୀ ସମେତ ଅନ୍ୟ ବନ୍ୟପ୍ରାଣୀ ଆସିଲେ ସେମାନଙ୍କୁ ଏକ ପ୍ରକାରର କରେଣ୍ଟ ଲାଗିବ। ଫଳରେ ସେମାନେ ସତର୍କ ହୋଇ ଆଗକୁ ଯିବାକୁ ଭୟ କରିବେ। ଏତଦ୍‌ବ୍ୟତୀତ କରେଣ୍ଟ ଲାଗିଲେ ସ୍ୱୟଂ ଚାଳିତ ସାଇରନ ମଧ ବାଜିବ। ବ୍ୟବସ୍ଥା ଦ୍ୱାରା ହାତୀ ସମେତ ବନ୍ୟପ୍ରାଣୀଙ୍କ ଜୀବନ ନିରାପଦ ରହିବ। ପ୍ରୋଜେକ୍ଟ ଓଡ଼ିଶାରେ ପ୍ରଥମ ଥର ବୋଲି ଡିଏଫ୍‌ଓ ଧନରାଜ ସୂଚନା ଦେଇଛନ୍ତି। ପ୍ରଥମ ପର୍ଯ୍ୟାୟରେ ସୌର ତାରବାଡ଼ ବ୍ୟବସ୍ଥା କ୍ରେଟ୍ ହଟିଂଠାରୁ ବେହେରା ହଟିଂ ପର୍ଯ୍ୟନ୍ତ କରାଯାଇଥିବା ଚମ୍ପୁଆ ରେଞ୍ଜ ଅଧିକାରୀ ସଞ୍ଜୀବ ରାଉତ ସୂଚନା ଦେଇଛନ୍ତି।

ଉଦ୍‌ଘାଟନୀ ସମାରୋହରେ କେନ୍ଦୁଝର ଡିଏଫ୍‌ଓଙ୍କ ସମେତ ଯୋଡ଼ା ପୌରପାଳିକା ଅଧ୍ୟକ୍ଷ ଡାକ୍ତର ଜଗଦୀଶ ପ୍ରସାଦ ସାହୁ, ଏସିଏଫ୍ ଅଶୋକ ଦାସ, ଘନଶ୍ୟାମ ମହାନ୍ତ, ଚମ୍ପୁଆ ରେଞ୍ଜ୍ ଅଧିକାରୀ ରାଉତ, ଯୋଡ଼ା ଫରେଷ୍ଟର ଅନିରୁଦ୍ଧ ପଣ୍ଡା, ଚମ୍ପୁଆ ଫରେଷ୍ଟର ପିଅନ ନାଏକ, ବାମେବାରି ଫରେଷ୍ଟର ରତ୍ନାକର ମହାନ୍ତ, ବାଲିବନ୍ଧ ଫରେଷ୍ଟର ବୁଲୁ ନାହାକ, ଫରେଷ୍ଟ ଗାର୍ଡ ନିଲମ ମହାନ୍ତ, ମାଝିନ ମାରାଣ୍ଡି, ବିନୋଦ ବିହାରୀ ବେହେରାଙ୍କ ସମେତ ଯୋଡ଼ା ସେକ୍ସନର ବନ ସ୍କ୍ୱାଡ୍ ଉପସ୍ଥିତ ଥିଲେ। ଏହା ସହିତ ଓଡ଼ିଶା ଖଣି ନିଗମର ରିଜିଓନାଲ ମ୍ୟାନେଜର ଅବନୀକାନ୍ତ ପ୍ରଧାନଙ୍କ ସହିତ ଅନ୍ୟ କର୍ମଚାରୀମାନେ ଉପସ୍ଥିତ ଥିଲେ।

ସୂଚନାଯୋଗ୍ୟ ଗତ ମେ ୧୯ରେ ବେହେରା ହଟିଂ ଠାରେ ରେଳ ଦୁର୍ଘଟଣାରେ ୩ ହାତୀଙ୍କ ମୃତ୍ୟୁ ଘଟିଥିଲା। ଏହାକୁ ଦୃଷ୍ଟିରେ ରଖି ବନ ବିଭାଗ ପକ୍ଷରୁ ରେଳ ମନ୍ତ୍ରଣାଳୟକୁ ରେଳ ଗାଡ଼ିର ଗତିକୁ ଘଣ୍ଟା ପ୍ରତି ୨୦ରୁ ୩୦କି.ମି. ବେଗରେ ଚଳାଇବା ପାଇଁ କହିଥିଲା।



ସୌର ତାରବାଡ ଉଦ୍‌ଘାଟନୀ ସ୍ଥଳରେ ଉପସ୍ଥିତ ଅଧିକାରୀ ଗଣ।

# ଅବସର ସମୟକୁ ସମାଜ କଲ୍ୟାଣରେ ଲଗାଇବାକୁ ପରାମର୍ଶ




ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ ପ୍ରତିଭା।

ଖଇରା, ୮।୧୦(ଡି.ଏନ.ଏ.)

ବାଲେଶ୍ୱର ଜିଲା ଖଇରା ବ୍ଲକ କୁପାରୀ ଆଞ୍ଚଳିକ ଅବସରପ୍ରାପ୍ତ କର୍ମଚାରୀ ସଂଘର ବାର୍ଷିକ ସମ୍ମିଳନୀ କୁପାରୀ ଅମ୍ବିକା ଆଶ୍ରମ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଶୁଭେନ୍ଦ୍ର ମୁନୀ ଉଦାସୀନ ସମ୍ମିଳନୀକୁ ଉଦ୍‌ଘାଟନ କରିଥିଲେ। ପ୍ରଫୁଲ୍ଲ ବେହେରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ଜିଲା ସଂଘ ସଭାପତି ବନମାଳି ନାୟକ ମୁଖ୍ୟ ଅତିଥି, ନିମ୍ନ ମାଧମିକ ଶିକ୍ଷକ ସଂଘର ସମ୍ପାଦକ ପ୍ରକାଶ ଚନ୍ଦ୍ର ଜେନା ମୁଖ୍ୟବକ୍ତା, ସଂଘର ଯୁଗ୍ମ ସମ୍ପାଦକ ତପନ ତ୍ରିପାଠୀ, ଏସ୍‌ବିଆଇ କୁପାରୀ ଶାଖାର ପରିଚାଳକ ଭୁବନାନନ୍ଦ ପାଣିଗ୍ରାହୀ, ଜିଲା ସଂଘ ସମ୍ପାଦକ ବସନ୍ତ ନାୟକ, ସହ ସମ୍ପାଦକ ବସନ୍ତ ଖୁଣ୍ଟିଆ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସରକାରୀ କର୍ମଚାରୀମାନେ ଅବସର ପରେ ଅବଶିଷ୍ଟ ସମୟକୁ ସମାଜ କଲ୍ୟାଣରେ ବିନିଯୋଗ କରିବାକୁ ପରାମର୍ଶ ଦେଇଥିଲେ। ସଂଘର ସମ୍ପାଦକ ଶତ୍ରୁଘ୍ନ ଦାସ ବିବରଣୀ ପାଠ କରିଥିଲେ। ମୁଖପତ୍ର 'ଅପରାହ୍ନ' ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ବିଭିନ୍ନ ବିଷୟରେ ପାରଦର୍ଶିତା ଲାଭ କରିଥିବା ଦାଶରଥି ମାଝୀ, ହରିହର ନାୟକ,ଡା ଅଜୟ ସେଣ୍ଠ, ତପନ ବେହେରା, ନାରାୟଣ ପ୍ରସାଦ ପେଡା, ସ୍ୱାଧୀନ ବିଶ୍ୱାଳ, ବିବେକାନନ୍ଦ ବେହେରା, ଜ୍ୟୋତିରେଖା ସେଠୀଙ୍କୁ ମାନପତ୍ର ଦିଆଯାଇଥିଲା। ଶିଳ୍ପୀ ଅଶୋକ ସେଣ୍ଠଙ୍କୁ ମରୋଣତ୍ତର ସମ୍ମାନ ଦିଆଯାଇଥିଲା।

### ଦିନ ଦ୍ୱିପ୍ରହରରେ କଳାକନା ବୁଲାଇଲେ

# ଲାପଟପ୍, ଗହଣା, ଆଇଫୋନ୍ ଚୋରି

ଜଳେଶ୍ୱର, ୮।୧୦(ଡି.ଏନ.ଏ.)

ବାଲେଶ୍ୱର ଜିଲା ଜଳେଶ୍ୱର ଥାନା ଅଧୀନ ଶାଳିକୋଠା ଗ୍ରାମର ଲୋକନାଥ ପାଣିଗ୍ରାହୀଙ୍କ ଘରୁ ଶନିବାର ଦିନ ଦ୍ୱିପ୍ରହରରେ ଦୁର୍ବୃତ୍ତମାନେ କଳାକନା ବୁଲାଇଛନ୍ତି । ଘରେ କେହି ନ ଥିବା ବେଳେ ଲାପଟପ୍, ଆଇଫୋନ ସହ ସୁନା, ରୁପା ଗହଣା ଓ ନଗଦ ଟଙ୍କା ଚୋରି ହୋଇଥିବା ଜଳେଶ୍ୱର ଥାନାରେ ଅଭିଯୋଗ ହୋଇଛି।

ଜଳେଶ୍ୱର–ପଶ୍ଚିମବାର୍ଡ ମୁଖ୍ୟ ରାସ୍ତା ପାର୍ଶ୍ୱରେ ଥିବା ଶାଳିକୋଠା ଗ୍ରାମର ପାଣିଗ୍ରାହୀଙ୍କ ୩ ମହଲା କୋଠାରୁ ଏହି ଚୋରି ହୋଇଛି। ସକାଳ ୯ଟାରେ ପରିବାର ଲୋକେ ନିଜ ଗ୍ରାମ ବାଇଗଣବାଡିଆକୁ ଯାଇଥିବା ବେଳେ ଅପରାହ୍ନ ୨ଟାରେ ଫେରି ଗେଟ୍ ତାଲା ଭଙ୍ଗାଯାଇଥିବା ଦେଖିବାକୁ ପାଇଥିଲେ। ଦୁର୍ବୃତ୍ତମାନେ ଘର ମଧ୍ୟରେ ଥିବା ଆଲମାରୀ ଭାଙ୍ଗି ୨ଟି ଲାପ୍‌ଟପ୍, ୨ଟି ସୁନାଚେନ୍, କାନଫୁଲ, ଆଇଫୋନ୍ ମୋବାଇଲ ଏବଂ ନଗଦ ୩୦ହଜାର ଟଙ୍କା ଲୁଟି ନେଇଥିବା ଥାନାରେ ଅଭିଯୋଗ ହୋଇଛି । ଲୋକନାଥ ଘରୋଇ ଚିକିତ୍ସା କରୁଥିବା ବେଳେ ତାଙ୍କ ସ୍ତ୍ରୀ ହାଇସ୍କୁଲ ଶିକ୍ଷୟିତ୍ରୀ ଭାବେ କାର୍ଯ୍ୟ କରୁଛନ୍ତି। ଜିଲା ଉପାଧକ୍ଷା ପ୍ରତିନିଧି ଲେଲିନ୍ ପ୍ରଧାନ, ସରପଞ୍ଚ ପ୍ରତିନିଧି ମନୋଜ ଭୂୟାଁ, ଅନୁପ ପଣ୍ଡା, ସୁଧୀର ମହାପାତ୍ର, ମହେଶ୍ୱର ପ୍ରଧାନ, ମଣିଭଦ୍ର ଜେନା ଓ ମିହିର ପ୍ରଧାନ ପ୍ରମୁଖ ପହଞ୍ଚି ବିଭିନ୍ନ ଦିଗରୁ ଆଲୋଚନା କରିଥିଲେ।

# ଚେକ୍ ବାଉନ୍ସ ମାମଲା: ଅଭିଯୁକ୍ତ ଯୁବକ ଜେଲ ଗଲେ

ରୂପସା, ୮।୧୦(ଡି.ଏନ.ଏ.): ବାଲେଶ୍ୱର ଜିଲା ବସ୍ତା ଥାନା କୁଶଡ଼ିହା ଗ୍ରାମର ରବୀନ୍ଦ୍ର ସେନାପତିଙ୍କୁ ଚେକ୍ ବାଉନ୍ସ ମାମଲାରେ ବସ୍ତା ପୋଲିସ ଗିରଫ କରିଛି । ଗିରଫ ଅଭିଯୁକ୍ତଙ୍କୁ ଗୁରୁବାର କୋର୍ଟଚାଲାଣ କରାଯାଇଛି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ହାଜତକୁ ପଠାଯାଇଛି। ରବୀନ୍ଦ୍ର ସେନାପତି ୨୦୧୮ରେ ୬୦ନଂ. ଜାତୀୟ ରାଜପଥ ପାର୍ଶ୍ୱ କୁଣ୍ଡପୁର ନିକଟରେ ଥିବା ମା' ଲକ୍ଷ୍ମୀ ଇଟାଭାଟିରୁ ୫ଲକ୍ଷ ଟଙ୍କାର ଇଟା ନେଇ ଏକ ଚେକ୍ ପ୍ରଦାନ କରିଥିଲେ। ଚେକ୍ ଡିପୋଜିଟ୍ ପରେ ଉକ୍ତ ଚେକ୍ ବାଉନ୍ସ ହୋଇଯାଇଥିଲା। ଏନେଇ ବାରମ୍ବାର ଇଟାଭାଟି ମାଲିକ ଅଜିତ୍ କୁମାର ଷଡ଼ଙ୍ଗୀ ବ୍ୟାଙ୍କ ଓ ଗ୍ରାହକ ପାଖକୁ ଦୌଡି ନୟାନ୍ତ ହୋଇଥିଲେ। ଶେଷରେ ୨୦୧୯ରେ ସେ କୋର୍ଟରେ ଆଶ୍ରୟ ନେଇଥିଲେ। କୋର୍ଟର ନିର୍ଦ୍ଦେଶ ପରେ ବୁଧବାର ବିଳମ୍ବିତ ରାତିରେ ବସ୍ତା ଥାନା ପୋଲିସ ଚଢ଼ାଉ କରି ରବୀନ୍ଦ୍ରଙ୍କୁ ଗିରଫ କରିବାରେ ସମର୍ଥ ହୋଇଥିଲେ।

ସେଲ୍ଫି କର୍ନର ଧରିତ୍ରୀ DHARITRI

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

balasoreselfie@gmail.com



@ ପ୍ରସନ୍ନଜିତ୍



@ ସରୋଜ



@ ଦୁର୍ଯ୍ୟୋଧନ

ସେଲ୍ଫି ସହ ନିଜର ନାମ ଓ ମୋବାଇଲ୍ ନମ୍ବର ଉଲ୍ଲେଖ କରନ୍ତୁ।

Ref: No.: SO/II/2022-23/79/456 Date: 07.10.2022

Startup Odisha

[2nd Floor, Tower-A, Odisha Startup Incubation Centre (O-Hub), Special Economic Zone, Infocity, Patia, Bhubaneswar- 751024]

**Invitation of application for the Internship Programme of Startup Odisha (2022-23)**

No.h-13:- Startup Odisha invites applications from students/ scholars those who are pursuing or have completed their Graduation / Post Graduation for the "Internship Programme of Startup Odisha (2022-2023)" for a period of 6 months to 1 year at Startup Odisha, Bhubaneswar. Interested candidates may download details of advertisement and apply / register for the internship programme by visiting the official website of Startup Odisha- www.startupodisha.gov.in (career menu) from 09.10.2022. The last date to register / apply for the internship programme is 28.10.2022 by 11:59 P.M. The selection of the interns will be made on merit of academic performance, extra-curricular achievement, the presentation submitted in the application form and personal interview. The applicants are further advised to keep referring Startup Odisha website (www.startupodisha.gov.in) for any updates in reference to this advertisement.

Sd./- (Evangelist, STARTUP ODISHA)

OIPR-43007/11/0014/2223

# ବୃଦ୍ଧାଙ୍କୁ ଗଣବଳାତ୍କାର, ଦୁଇ ଅଟକ

ମୋରଡ଼ା/ ବେତନଟୀ,୮।୧୦(ଡି.ଏନ୍.ଏ/ସ୍ୱ.ପ୍ର.)

ମୟୂରଭଞ୍ଜ ଜିଲା ମୋରଡ଼ା ବ୍ଲକ୍ ତଥା ବେତନଟୀ ଥାନା ଅଞ୍ଚଳର ଜଣେ ବୃଦ୍ଧାଙ୍କୁ ଗଣବଳାତ୍କାର ଅଭିଯୋଗ ହୋଇଛି। ପୋଲିସ ଘଟଣାରେ ଦୁଇଜଣଙ୍କୁ ଅଟକ ରଖି ପଚରାଉଚରା କରୁଛି। ଅଭିଯୁକ୍ତ ଦ୍ୱୟ ଅକ୍ଷୟ ଧୀର (୩୨) ଏବଂ ଟୁକୁ ସି (୩୦)।

ଅଭିଯୋଗ ଅନୁସାରେ ଗତ ଗୁରୁବାର ଜନୈକ ୭୫ ବର୍ଷୀୟା ମହିଳା ଘରେ ଏକୁଟିଆ ଥିବା ସମୟରେ ଅଭିଯୁକ୍ତ ଦ୍ୱୟ ଘରେ ପଶି ତାଙ୍କୁ ବଳାତ୍କାର କରିଥିଲେ। ଘଟଣା ସମ୍ପର୍କରେ କାହାକୁ କିଛି କହିଲେ ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ। ଘଟଣା ସମ୍ପର୍କରେ ବୃଦ୍ଧା ଗ୍ରାମରେ ଜଣାଇଥିଲେ। ଏ ନେଇ ଗ୍ରାମରେ ବୈଠକ ବସିଥିଲେ ସୁଦ୍ଧା ସମାଧାନର କୌଣସି ବାଟ ବାହାରି ପାରି ନ ଥିଲା। ଶେଷରେ ବୃଦ୍ଧା ଜଣକ ବେତନଟୀ ଥାନାରେ ଏତଲା ଦାଏର କରିଥିଲେ। ଅଭିଯୋଗ ପାଇବା ପରେ ପୋଲିସ ଏକ ମାମଲା (ନଂ. ୩୦୦/୨୨) ରୁଜୁ କରି ୨ଜଣଙ୍କୁ ଅଟକ ରଖିଛି। ପୀଡ଼ିତାଙ୍କ ବୟାନ ରେକର୍ଡ କରି ତଦନ୍ତ ଜାରି ରଖିଛି ବୋଲି ଥାନା ଅଧିକାରିଣୀ ରେଣୁବାଳା ସାହୁ କହିଛନ୍ତି। ପ୍ରକାଶ ଯେ, ଶନିବାର ପୀଡ଼ିତାଙ୍କ ଡାକ୍ତରୀ ମାଇନା କରି ବେତନଟୀ ଥାନାକୁ ଅଣାଯାଉଥିବା ବେଳେ ମଞ୍ଜାବନ୍ଧା ନିକଟରେ ଏକ ଘୁଷୁରି ବୋଝେଇ ଟ୍ରକ୍ ସହିତ ପୋଲିସ ଗାଡ଼ି ଧକ୍କା ହୋଇଥିଲା। ଏଥିରେ ପୀଡ଼ିତାଙ୍କ ସମେତ ପୋଲିସ କର୍ମଚାରୀ ଗୁରୁତର ହୋଇଥିବା ଜଣାପଡ଼ିଛି।

# ଅବନୀଙ୍କୁ 'ବିଜୁ ପଟ୍ଟନାୟକ ସମ୍ମାନ'

### ୨୦ବର୍ଷ ହେଲା ପରିବେଶ, ବନ୍ୟପ୍ରାଣୀ ସୁରକ୍ଷାରେ ନିୟୋଜିତ




ଅତିଥିଙ୍କଠାରୁ ଅବନୀ 'ବିଜୁ ପଟ୍ଟନାୟକ ସମ୍ମାନ' ଗ୍ରହଣ କରୁଛନ୍ତି।

ବାଲେଶ୍ୱର ଅଫିସ, ୮।୧୦

ବାଲେଶ୍ୱର ଜିଲା ନୀଳଗିରି କୁଲଡ଼ିହା ବନାଞ୍ଚଳ ରେଞ୍ଜ ଅନ୍ତର୍ଗତ ରିଷିଆ ପ୍ରାକୃତିକ ନିବାସ ପରିସରରେ ଓଡ଼ିଶା ସରକାରଙ୍କ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ତରଫରୁ ୬୮ତମ ବନ୍ୟଜନ୍ତୁ ସୁରକ୍ଷା ସପ୍ତାହ ପାଳିତ ହୋଇଛି। ପରିବେଶ କର୍ମୀ ଅବନୀ କୁମାର ଜେନା ବିଗତ ୨୦ବର୍ଷ ଧରି ଚାରାରୋପଣ, ପରିବେଶ ଓ ବନ୍ୟପ୍ରାଣୀ ସୁରକ୍ଷା ସମ୍ପର୍କରେ ବିଭିନ୍ନ କାର୍ଯ୍ୟକ୍ରମ ଚାଲୁ ରଖିଥିବାରୁ ତାଙ୍କୁ 'ବିଜୁ ପଟ୍ଟନାୟକ ସମ୍ମାନ' ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମରେ ଜିଲା ବନ୍ୟପ୍ରାଣୀ କାର୍ଯ୍ୟାଳୟ ଅଧିକାରୀ ଦେବାଶିଷ ମହାନ୍ତି ପ୍ରାରମ୍ଭିକ ସୂଚନା ଦେଇଥିବା ବେଳେ ଜିଲା ଉପବନ ସଂରକ୍ଷକ ଦିଗନ୍ତ ଶୋଭନ ଚାନ୍ଦ ଅଧ୍ୟକ୍ଷତା କରି ବନ୍ୟପ୍ରାଣୀ ସୁରକ୍ଷା ଓ ଖାଦ୍ୟଶୃଙ୍ଖଳ ଉପରେ ନିର୍ଦ୍ଧାରିତ ସରକାରୀ ନିୟମଗୁଡ଼ିକ ଉପରେ ଆଲୋକପାତ କରିଥିଲେ। ମୁଖ୍ୟଅତିଥି ଭାବେ ନୀଳଗିରି ଉପଜିଲାପାଳ ଦୀପ୍ତିରଞ୍ଜନ ସେଠୀ ଜଙ୍ଗଲ ଓ ବନ୍ୟଜନ୍ତୁଙ୍କ ସୁରକ୍ଷା ଦାୟିତ୍ୱ ଆମ ସମସ୍ତଙ୍କର ବୋଲି ବକ୍ତବ୍ୟ ରଖିଥିଲେ। ବକ୍ତା ଭାବେ କୁଲଡ଼ିହା ବନ୍ୟପ୍ରାଣୀ ରେଞ୍ଜ ଅଫିସର ଅନନ୍ତ କୁମାର ଜେନା ବନ୍ୟଜନ୍ତୁ ସୁରକ୍ଷା ସମ୍ପର୍କରେ ବକ୍ତବ୍ୟ ଦେଇଥିଲେ। କାର୍ଯ୍ୟକ୍ରମରେ ଦୁଖିଲାପାଟ ବନସୁରକ୍ଷା ସମିତି, ସବୁଜବାହିନୀ ସମେତ ପରମାନନ୍ଦ ନାୟକ, ଉମାକାନ୍ତ ଜେନା, ହିମାଂଶୁ ଶେଖର ପାଢ଼ୀ, ମନୋଜ ମହାଳିକ, ପ୍ରଦୀପ୍ତ ମହାନ୍ତି ପ୍ରମୁଖ ସହଯୋଗ କରିଥିଲେ। ବିଜୁ ପଟ୍ଟନାୟକ ସମ୍ମାନରେ ସମ୍ମାନିତ ଜେନାଙ୍କୁ ସାମାଜିକ–ସଂସ୍କୃତିସମ୍ପନ୍ନ ପୁରାତନ ଅନୁଷ୍ଠାନ 'ଚନ୍ଦ୍ରଭାଗା' ସମେତ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଶୁଭେଚ୍ଛା ଜଣାଯାଇଛି।

**Government of Odisha**
**Higher Education Department**

**Timeline for Phase-II Admission into U.G. Courses under SAMS in the Higher Education Institutions for the Academic Year 2022-23**

No.N-47:- Timeline for e-Admission in all (+3) Degree Colleges including Self Financing (Degree) / Sanskrit (Shastri) Colleges of the State under Student Academic Management System (SAMS) is given below. Any changes in the timelines will be published in the newspapers as well as in the website www.samsodisha.gov.in. Kindly refer the Common Prospectus (CP) before filling up the CAF.

| Sl# | Activities | Timeline |
|---|---|---|
| 1 | Availability of online Common Application Form (CAF) in the website www.samsodisha.gov.in | 13th Oct. 2022 (11:00 A.M.) |
| 2 | Last date of applying online CAF through www.samsodisha.gov.in | 19th Oct. 2022 (11:45 P.M.) |
| 3 | Publication of First Merit List in SAMS Portal | 27th Oct. 2022 (02:00 P.M.) |
| 4 | Reporting of Applicants at allotted institutions for taking admission | 28th Oct. 2022, 29th Oct. 2022 & 31st Oct. 2022 (5:00 P.M.) |
| 5 | Error Correction and Data updation of applicants selected in Phase-II Selection | 28th Oct. 2022, 29th Oct. 2022 & 31st Oct 2022 (7.00 P.M.) |
| 6 | Filling up of Slide-up Option Form online by admitted students | 28th Oct. 2022 to 1st Nov. 2022 (11:45 P.M.) |
| 7 | Publication of Second Merit List in SAMS Portal | 7th Nov. 2022 (02:00 P.M.) |
| 8 | Reporting of Applicants at allotted institutions for taking admission | 9th Nov.-2022 to 11th No. 2022 (5:00 P.M.) |
| 9 | Data updation of applicants selected in Phase-II Selection | 9th Nov. 2022 to 12th Nov. 2022 (5:00 P.M.) |
| 10 | Collection of Admission Fees at the respective HEIs (After completion of all phases of e-Admission Process for the session 2022-23) | Dates will be notified by the Higher Education Department later |

**For more details please contact: e-Admission Helpline (Toll Free) Number 155335 / 1800-345-6770**

N.B.: Please go through the detailed U.G. Phase-II Guidelines available in U.G. SAMS website (https://samsodisha.gov.in/ DegreeNew/index.aspx)

Sd./- Deputy Director
PTC Section

OIPR-11001/11/0035/2223

## ସଂକ୍ଷେପରେ

### ଚଳଚଞ୍ଚଳ ପଞ୍ଚୁଟିକ୍ରି ପାଳନ ହେବ ନଣ୍ଡାବାବାଙ୍କ ୧୧୯ତମ ଜୟନ୍ତୀ

ଚାନ୍ଦବାଲି, ୮।୧୦(ଡି.ଏନ୍.ଏ.)- ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକର ପଞ୍ଚୁଟିକ୍ରି ଗାଁରେ ମହାଯୋଗୀ ନାମପ୍ରେମୀ ନଣ୍ଡା ବାବାଙ୍କ ୧୧୯ତମ ଜୟନ୍ତୀ ପାଳନ ହେବାକୁ ଯାଉଛି। ଏଥିପାଇଁ ଗାଁ ସଜେଇ ହୋଇଥିବା ବେଳେ ଚଳଚଞ୍ଚଳ ହୋଇଛି। ପ୍ରତିବର୍ଷ ପରି ଚଳିତବର୍ଷ ଏଠାରେ ମହାନନ୍ଦ ସେବାଶ୍ରମ ପରିସରରେ ଏହି ଉତ୍ସବ ପାଳନ କରାଯିବ। ଚଳିତମାସ ୧୦ରୁ ୨୦ ତାରିଖ ପର୍ଯ୍ୟନ୍ତ କାର୍ଯ୍ୟକ୍ରମ ଚାଲିବ। ଏଥିପାଇଁ ସେବାଶ୍ରମ ପରିସରରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ନବରାତ୍ର ନାମଯଜ୍ଞର ଶୁଭାଧିବାସ, ରାମଚରିତ ମାନସ ପାରାୟଣ, ଭାଗବତ ପାରାୟଣ, ଆଧାତ୍ମିକ ପ୍ରବଚନ, ମଙ୍ଗଳ ଆଳତି, ରୁଦ୍ରାଭିଷେକ ଆଦି କାର୍ଯ୍ୟକ୍ରମ ହେବା ନେଇ ବୈଠକରେ ନିଷ୍ପତ୍ତି ନିଆଯାଇଛି। ଅଖଣ୍ଡ ନାମଯଜ୍ଞର ୪୪ ବର୍ଷ ପୂର୍ତ୍ତି ଉତ୍ସବ ପାଳନ କାର୍ଯ୍ୟକ୍ରମରେ ସାରା ଓଡ଼ିଶାରୁ ସନାତନ ଧର୍ମର ସାଧୁସନ୍ଥଙ୍କ ସମେତ ସ୍ଥାନୀୟ ଅଞ୍ଚଳର ବହୁସଂଖ୍ୟାରେ ନାମପ୍ରେମୀ ଯୋଗଦେବେ ବୋଲି ଆଶ୍ରମ ପରିଚାଳନା କମିଟି ପକ୍ଷରୁ କୁହାଯାଇଛି।

### କଲେଜରେ ଜାତୀୟ ସେବା ଶିବିର

କୁଆମରା, ୮।୧୦ (ଡି.ଏନ୍.ଏ.)- ମୟୂରଭଞ୍ଜ ଜିଲା ଗୋପବନ୍ଧୁନଗର ବ୍ଲକ କୁଆମରା ସାରସ୍ୱତ ସ୍ନାତକ ମହାବିଦ୍ୟାଳୟରେ ଜାତୀୟ ସେବା ଶିବିର ଉଦ୍‌ଘାଟିତ ହୋଇଯାଇଛି। ଜାତୀୟ ସେବା ଯୋଜନାରେ ମୋଟ ୫୦ଜଣ ସ୍ୱେଚ୍ଛାସେବୀ ଛାତ୍ରୀଛାତ୍ର ସାମିଲ ହୋଇ ବିଭିନ୍ନ ସେବାମୂଳକ କାର୍ଯ୍ୟର ଶୁଭାରମ୍ଭ କରିଛନ୍ତି। ବିଭାଗୀୟ ଅଧିକାରୀ ଅଧାପକ ଗୋପୀନାଥ ପଣ୍ଡାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ଅଧାପକ ଅବନୀ କୁମାର ମହାନ୍ତି, ଅଧାପିକା ରାଜଲକ୍ଷ୍ମୀ ବେହେରା ଓ ଖବରଦାତା ନିମାଇଁ ପ୍ରସାଦ ଦାଶ ଯୋଗ ଦେଇଥିଲେ। ସେବାମୂଳକ କାର୍ଯ୍ୟ କରିବା ସହ ଲୋକଙ୍କୁ ସଚେତନ କରାଇବା ପାଇଁ ସେମାନେ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ସ୍ଥାନୀୟ ଉପରକଡ଼ଦା ଗ୍ରାମରେ ଏକ ସପ୍ତାହ ଧରି ସେବାମୂଳକ କାର୍ଯ୍ୟ ଚାଲିବ ବୋଲି କୁହାଯାଇଛି।

# ୧୫ ଯାଏ ୧୪୪ ଜାରି

### ଲକ୍ଷ୍ମୀପୂଜା ମଣ୍ଡପରୁ ସ୍ଥାୟୀ ମୂର୍ତ୍ତି ଅପସାରଣ ବିବାଦ

ବାସୁଦେବପୁର, ୮।୧୦(ଡି.ଏନ.ଏ.)

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ବେତଡ଼ା ବଜାରର ସର୍ବପୁରାତନ ଲକ୍ଷ୍ମୀପୂଜା ମଣ୍ଡପରେ କମିଟି ପକ୍ଷରୁ ସ୍ଥାୟୀ ଲକ୍ଷ୍ମୀ ମୂର୍ତ୍ତି ସ୍ଥାପନ କରାଯାଇଥିବା ବେଳେ ଏହାକୁ ଅପସାରଣ ଦାବିରେ କେତେକ ଗ୍ରାମବାସୀ ୩ ଦିନ ଧରି ଅନଶନ କରିଥିଲେ। ଦିନକୁ ଦିନ ଏଠାରେ ଆଇନଶୃଙ୍ଖଳା ବିଗୁଡୁଥିବା ବେଳେ ସ୍ଥିତିରେ ସୁଧାର ଆଣିବାକୁ ବ୍ଲକ ଓ ଜିଲା ପ୍ରଶାସନ ପକ୍ଷରୁ ଉଦ୍ୟମ କରାଯାଇଛି। ପ୍ରଶାସନ ପକ୍ଷରୁ ବୁଝାଶୁଝା ସହ ପରବର୍ତ୍ତୀ ସମୟରେ ଏନେଇ ଆଲୋଚନା କରାଯିବ ବୋଲି ପ୍ରତିଶ୍ରୁତି ମିଳିବା ପରେ ଅନଶନ ପ୍ରତ୍ୟାହୃତ ହୋଇଛି। ତେବେ ଉପଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ପୂଜା ମଣ୍ଡପର ୨ଶହ ମିଟର ପରିଧିରେ ଶନିବାର ୧୪୪ ଧାରା ଲାଗୁ କରାଯାଇଛି। ପୂର୍ବାହ୍ଣ ୧୧ଟାରୁ ଆସନ୍ତା ୧୫ ତାରିଖ ରାତି ୧୦ଟା ପର୍ଯ୍ୟନ୍ତ ଏହା ବଳବତ୍ତର ରହିବ ବୋଲି ତହସିଲଦାର ଅନିତା ନାୟକ ସୂଚନା ଦେଇଛନ୍ତି। ଏହାକୁ ଭଙ୍ଗ କରାଗଲେ ଦୃଢ଼ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରଶାସନ ପକ୍ଷରୁ ଚେତାବନୀ ଦିଆଯାଇଛି। ବେତଡ଼ା ବଜାରରେ ଶାନ୍ତି ବଜାୟ ରଖିବା ସହ ବିଧିପୂର୍ବକ ପୂଜା କରିବା ପାଇଁ ପୋଲିସ ପକ୍ଷରୁ ପୂଜା କମିଟିକୁ କୁହାଯାଇଛି।

# ଉପନିର୍ବାଚନ ପାଇଁ ବିଜେଡିର ଶକ୍ତି ପ୍ରଦର୍ଶନ


ସଭାରେ ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର, ଏମ୍‌ପି ମଞ୍ଜୁଲତା ମଣ୍ଡଳ, ବିଧାୟକ ଓ ଅନ୍ୟମାନେ।

### ଜନସମ୍ପର୍କ ପଦଯାତ୍ରାରେ ନେତା, ମନ୍ତ୍ରୀ

ଧାମନଗର,୮।୧୦(ଡି.ଏନ.ଏ/ ସ୍ୱ.ପ୍ର.)

ଭଦ୍ରକ ଜିଲା ଧାମନଗର ନିର୍ବାଚନମଣ୍ଡଳୀ ଅଧୀନ ଦୋବଲ ଜୋନ୍ ସ୍ତରୀୟ ବିଜେଡିର ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଗାନ୍ଧୀ ଜୟନ୍ତୀଠାରୁ ଆରମ୍ଭ ହୋଇଥିବା ଏହି ପଦଯାତ୍ରା ଶନିବାର ମୁସ୍ତାଫାପୁର ପଞ୍ଚାୟତର ଦୋବଲ କାଳୀପଡ଼ିଆଠାରୁ ବାହାରି ବଜାର, ଗ୍ରାମ ପରିକ୍ରମା କରିଥିଲା। ପରେ ଦୋବଲ ପଞ୍ଚାୟତ ସୋଧ ଧରମପଦା ପଡ଼ିଆରେ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ବିଜେଡି ଜନସମ୍ପର୍କ ପଦଯାତ୍ରା ସହ ଆଗାମୀ ଉପନିର୍ବାଚନ ପାଇଁ ଲୋକଙ୍କୁ ଏକାଠି କରି ଏକପ୍ରକାର ଶକ୍ତି ପ୍ରଦର୍ଶନ କରିଛି। ଉମେଶ ମହାନ୍ତିଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମକୁ ଏମ୍‌ପି ମଞ୍ଜୁଲତା ମଣ୍ଡଳ ଉଦ୍‌ଘାଟନ କରିଥିଲେ। ମୁଖ୍ୟଅତିଥି ଭାବେ ସଂସ୍କୃତି, ପର୍ଯ୍ୟଟନ ଓ ଅବକାରୀ ବିଭାଗ ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର ଯୋଗଦେଇ ରାଜ୍ୟ ସରକାରଙ୍କ ବିଭିନ୍ନ ଜନହିତକର ଯୋଜନା ସମ୍ପର୍କରେ ଉପସ୍ଥିତ କର୍ମୀ ଓ ଜନସାଧାରଣଙ୍କୁ ଅବଗତ କରାଇଥିଲେ। ଜିଲା ପର୍ଯ୍ୟବେକ୍ଷକ ତଥା ଧର୍ମଶାଳା ବିଧାୟକ ପ୍ରଣବ ବଳବନ୍ତରାୟ, ରାଜ୍ୟସଭା ସଦସ୍ୟ ମୁନା ଖାଁ, ଭଦ୍ରକ ବିଧାୟକ ସଞ୍ଜୀବ ମଲିକ, ବିଧାୟକ ପ୍ରଫୁଲ୍ଲ ସାମଲ, ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ରାଜେନ୍ଦ୍ର ଦାସ, ବିଜେଡି ଜିଲା ସଭାପତି ଜଗନ୍ନାଥ ସ୍ୱାଇଁ, ପୂର୍ବତନ ପଞ୍ଚାୟତ ସମିତି ଅଧ୍ୟକ୍ଷ ଅଶୋକ ନାୟକ, ଜିଲା ପରିଷଦ ସଭ୍ୟା ଉର୍ମିଳା ବିଶ୍ୱାଳ, ଜିଲା ଯୁବ ସଭାପତି ମୁକୁନ୍ଦଦେବ ସାମଲ, ଏନ୍‌ଏସି ଅଧ୍ୟକ୍ଷା ନିବେଦିତା ଜେନା, ବ୍ଲକ ପର୍ଯ୍ୟବେକ୍ଷକ ସରୋଜ କୁମାର ମହାପାତ୍ର, ପୂର୍ବତନ ସମିତିସଭ୍ୟ ପ୍ରତାପ ସାମଲ, ଶରତ ଚନ୍ଦ୍ର ମାଝି ପ୍ରମୁଖ ଏଥିରେ ଯୋଗ ଦେଇଥିଲେ।

### ମା'ଙ୍କ ମୂର୍ତ୍ତିରେ ଶେଷ ସ୍ପର୍ଶ ଦେଲେ କାରିଗର

ପାଟଣା,୮।୧୦(ସ୍ୱ.ପ୍ର.): କୁମାର ପୂର୍ଣ୍ଣିମା ଓ ଗଜଲକ୍ଷ୍ମୀ ପୂଜା ପାଇଁ କେନ୍ଦୁଝର ଜିଲା ପାଟଣା ବ୍ଲକ୍ ଚଳଚଞ୍ଚଳ ହୋଇଉଠିଛି। ମୁଖ୍ୟାଳୟ କୁମାର ଉତ୍ସବ କମିଟି, ରାଜନଗର ଦେଉଳିଆ ସାହି, କେନ୍ଦେଇପଶି, ମଲ୍ଲୀପଶିଠାରେ ଲକ୍ଷ୍ମୀପୂଜା ପାଇଁ ବ୍ୟାପକ ପ୍ରସ୍ତୁତି ହୋଇଛି। ରାଜନଗର ଦେଉଳିଆ ସାହିରେ କାରିଗର ମା'ଙ୍କ ମୂର୍ତ୍ତିରେ ଶନିବାର ଶେଷ ସ୍ପର୍ଶ ଦେଇଛନ୍ତି। ପୂଜା କମିଟି ତରଫରୁ ରଞ୍ଜନ ପାଣି, ରାଜେନ୍ଦ୍ର ସିଂହ, ପାଲୁ ସିଂହ, ଲଳିତ ସିଂହ, ସିନୁ ଦାସ ଓ ସାହିଲ ପାଣି ପ୍ରମୁଖ ସହଯୋଗ କରୁଛନ୍ତି।

### ପ୍ରତ୍ୟେକ ବୁଧବାର ଶିକ୍ଷକଙ୍କ ଅଭିଯୋଗ ଶୁଣାଣି

**ଅନ୍ୟ ଦିବସରେ ଡିଇଓଙ୍କ କାର୍ଯ୍ୟାଳୟକୁ ଆସିଲେ କାର୍ଯ୍ୟାନୁଷ୍ଠାନ**

କେନ୍ଦୁଝର,୮।୧୦(ସ୍ୱ.ପ୍ର.): କେନ୍ଦୁଝର ଜିଲାରେ ଉଚ୍ଚ ବିଦ୍ୟାଳୟର ଶିକ୍ଷକ ଓ ଅବସରପ୍ରାପ୍ତ ଶିକ୍ଷକମାନଙ୍କ ପାଇଁ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ସ୍ଥିର କରାଯାଇଛି। ଏହା ପ୍ରତ୍ୟେକ ସପ୍ତାହର ବୁଧବାର ପୂର୍ବାହ୍ଣ ୧୧ଟାରୁ ୨ଟା ପର୍ଯ୍ୟନ୍ତ ଜିଲା ଶିକ୍ଷା ଅଧିକାରୀ(ଡିଇଓ)ଙ୍କ କାର୍ଯ୍ୟାୟାଳୟରେ ଚାଲୁ ରହିବ। ଅଭିଯୋଗ ଉପରେ ଶୁଣାଣି ଦିନ ସମାଧାନ ପାଇଁ ତ୍ୱରିତ ପଦକ୍ଷେପ ନିଆଯିବ। ଜିଲା ଶିକ୍ଷା ଅଧିକାରୀ ଅନୁପସ୍ଥିତ ରହିଲେ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଏହି ଅଭିଯୋଗ ଶୁଣାଣିରେ ଉପସ୍ଥିତ ରହିବେ। ବୁଧବାର ଦିନ ଛୁଟି ରହିଲେ ତା'ପର କାର୍ଯ୍ୟ ଦିବସରେ ଅଭିଯୋଗ ଶୁଣାଣି କରାଯିବ ବୋଲି ଜିଲା ଶିକ୍ଷା ଅଧିକାରୀ କାର୍ଯ୍ୟାଳୟର ପତ୍ର ସଂଖ୍ୟା ୧୧୫୩, ୧ ଅକ୍ଟୋବର ୨୦୨୨ରେ ଏକ ଆଦେଶନାମା ଜାରି ହୋଇଛି। ଶିକ୍ଷକମାନେ ଛୁଟି ଦରଖାସ୍ତ ଦେଇ ଅଭିଯୋଗ ଶୁଣାଣିକୁ ଆସିବେ ବୋଲି ଆଦେଶନାମାରେ କୁହାଯାଇଛି। ସୂଚନାଯୋଗ୍ୟ, ଶିକ୍ଷକମାନେ ପ୍ରତ୍ୟେକ କାର୍ଯ୍ୟଦିବସରେ ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟକୁ ଦୌଡୁଥିବା ବେଳେ ଶିକ୍ଷାଦାନରେ ବାଧାପ୍ରାପ୍ତ ହେଉଛି। ଶୁଣାଣି କାର୍ଯ୍ୟକ୍ରମ ସ୍ଥିର କରାଯିବା ପରେ ଏହା ଉପରେ ଅଙ୍କୁଶ ଲାଗି ପାରିବ ବୋଲି ଅଭିଭାବକଙ୍କ ମତପ୍ରକାଶ ପାଇଛି। ତେବେ ଏହାର ବ୍ୟତିକ୍ରମ କରି ଅନ୍ୟ ଦିବସରେ କାର୍ଯ୍ୟାଳୟକୁ ଆସିଲେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ ପ୍ରକାଶ କରିଛନ୍ତି।

# ଓସିଏସ୍ ପରୀକ୍ଷା: ସଫଳ ହେଲେ ମନ୍ଦିର ପୂଜକଙ୍କ ପୁଅ


ପରିବାର ସହ ପ୍ରତୀକ।

ବାଲିଆପାଳ, ୮।୧୦(ସ୍ୱ.ପ୍ର.)

ବାଲେଶ୍ୱର ଜିଲା ବାଲିଆପାଳ ବ୍ଲକ ବାଲିଆପାଳ ଗ୍ରାମର ପୁଅ ପ୍ରତୀକ କୁମାର ପଣ୍ଡା ଚଳିତବର୍ଷ ଓସିଏସ୍ (ଓଡିଶା ସିଭିଲ ସର୍ଭିସ) ପରୀକ୍ଷାରେ ରାଜ୍ୟରେ ୩୩ତମ ସ୍ଥାନ ଅଧିକାର କରି ସଫଳତା ହାସଲ କରିଛନ୍ତି। ସୁନା ପୁଅ ପ୍ରତୀକ ପାଇଁ ବାଲିଆପାଳ ଗାଁ ଆଜି ଗର୍ବିତ। ଏହି ସଫଳତା ପାଇଁ ଲୋକଙ୍କଠାରୁ ପ୍ରଶଂସା ଓ ଶୁଭେଚ୍ଛାର ସୁଅ ଛୁଟୁଛି। ପ୍ରତୀକ ବାଲିଆପାଳ ଆଖଣ୍ଡଳମଣି ମନ୍ଦିର ପୂଜକ କମଳଲୋଚନ ପଣ୍ଡା ଏବଂ ମା' ଗୀତାଞ୍ଜଳି ପଣ୍ଡାଙ୍କ ଦ୍ୱିତୀୟ ପୁଅ।

ପ୍ରତୀକ ୨୦୧୧ରେ ବାଲିଆପାଳ ସୁବର୍ଣ୍ଣରେଖା ସରକାରୀ ଉଚ୍ଚ ବିଦ୍ୟାଳୟରୁ ୫୬୭ ନମ୍ବର ରଖି ପାସ୍ କରିଥିଲେ। ଯୁକ୍ତ ୨ରେ ୫୩୩ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଥିଲେ। ପ୍ରତୀକ ଫକୀରମୋହନ ବିଶ୍ୱବିଦ୍ୟାଳୟରୁ ପଦାର୍ଥ ବିଜ୍ଞାନରେ ୧୪୯୮ ନମ୍ବର ରଖି ଟପ୍ପର ହୋଇ ସ୍ୱର୍ଣ୍ଣପଦକ ପାଇଥିଲେ। ପରେ ସେ ଉତ୍କଳ ବିଶ୍ୱବିଦ୍ୟାଳୟରୁ ପିଜି ପାଠ୍ୟକ୍ରମ ଶେଷ କରି ଭୁବନେଶ୍ୱର ଫରେନ୍‌ସିକ୍ ସାଇନ୍‌ସ ଲାବ୍‌ରେ ଚାକିରି ଜୀବନ ଆରମ୍ଭ ହୋଇଥିଲା। ସେହିପରି ୨୦୨୨ରେ ଓଡ଼ିଶା ହାଇକୋର୍ଟରେ ଏଏସ୍‌ଓ ଭାବେ ନିଯୁକ୍ତି ପାଇଥିଲେ। ମନରେ ଆଇଏଏସ୍ ହେବାର ଇଚ୍ଛାଥିବାରୁ ସେ ଆଇଏଏସ୍ ପରୀକ୍ଷା ପାଇଁ ପ୍ରସ୍ତୁତି ହେଉଥିବା ବେଳେ ଓସିଏସ୍ ପରୀକ୍ଷା ଦେଇ କୃତକାର୍ଯ୍ୟ ହୋଇଛନ୍ତି। ଏହାପରେ ସେ ଆଇଏଏସ୍ ହେବା ଲାଗି ପ୍ରସ୍ତୁତ ହେଉଥିବା ପ୍ରକାଶ କରିଛନ୍ତି। ବଡ଼ବାପା ପଞ୍ଚାନନ ପଣ୍ଡା ପ୍ରତୀକଙ୍କୁ ଶୁଭେଚ୍ଛା ଜଣାଇ ତାଙ୍କର ଉତ୍ତରୋତ୍ତର ଉନ୍ନତି କାମନା କରିଛନ୍ତି।

# ଦିବ୍ୟାଙ୍ଗ ବର୍ଗରେ ବିରଞ୍ଚି ଟପ୍ପର

ବାରିପଦା ଅଫିସ,୮।୧୦


ବିରଞ୍ଚି ପାଣିଗ୍ରାହୀ।

ମୟୂରଭଞ୍ଜ ଜିଲା ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କ ପୁଅ ଓଡ଼ିଶା ପ୍ରଶାସନିକ ସେବାରେ ଉତ୍ତୀର୍ଣ୍ଣ ହୋଇ ଜିଲା ତଥା ଜନ୍ମମାଟି ପାଇଁ ଗର୍ବ ଓ ଗୌରବ ଆଣି ପାରିଛନ୍ତି। ଜଣେ ଦିବ୍ୟାଙ୍ଗ ଶ୍ରେଣୀର କର୍ଣ୍ଣବାଧିତ ବର୍ଗରେ ସେ ଶୀର୍ଷ ସ୍ଥାନ ଅଧିକାର କରିଛନ୍ତି। ଦୃଢ଼ ମନୋବଳ ଓ ଆତ୍ମବିଶ୍ୱାସ ତାଙ୍କୁ ଏହି ସଫଳତା ଦେଇଛି ବୋଲି ଧରିତ୍ରୀକୁ ବିରଞ୍ଚି ଜଣାଇଛନ୍ତି। ଆଗକୁ ୟୁପିଏସ୍‌ସି ପରୀକ୍ଷା ଦେଇ ଆଇଏଏସ ଅଧିକାରୀ ହେବାକୁ ଇଚ୍ଛା ପ୍ରକଟ କରିଛନ୍ତି।

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ୍‌ର ଉରୁଣିଆ ଗ୍ରାମରେ ବିରଞ୍ଚି ପାଣିଗ୍ରାହୀଙ୍କ ଘର। ବାପା ଜୟକୃଷ୍ଣ ମୟୂରଭଞ୍ଜ ଜିଲା ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପରେ ଡ୍ରାଇଭର ଭାବେ କାର୍ଯ୍ୟରତ ଥିବାରୁ ସେ ସପରିବାରେ ଏଠାରେ ଦୀର୍ଘ ବର୍ଷ ହେଲା ରହୁଛନ୍ତି। ମା' ସତ୍ୟଭାମା ପାଣିଗ୍ରାହୀ ଜଣେ ଗୃହିଣୀ। ବିରଞ୍ଚି ବହୁ ବାଧାବିଘ୍ନ ଓ ସାମାଜିକ ପରିହାସର ଶିକାର ହୋଇ ମଧ୍ୟ ନିଜ ଦୃଢ଼ ମନୋବଳ ସହ ଓଡ଼ିଶା ପ୍ରଶାସନିକ ସେବା ପରୀକ୍ଷା ପାଇଁ ପ୍ରସ୍ତୁତ ହୋଇଥିଲେ। କଠିନ ପରିଶ୍ରମ ଓ ଇଚ୍ଛାଶକ୍ତି ଯୋଗୁ ଓଡ଼ିଶା ର୍ୟାଙ୍କ ୱାନ ହୋଇ ସାରା ରାଜ୍ୟରେ ଟପ୍ପର ହୋଇପାରିଛନ୍ତି। ଏହି ସଫଳତା ପାଇଁ ବାପା-ମା' ଓ ଆତ୍ମୀୟଙ୍କୁ ସମସ୍ତ ଶ୍ରେୟ ଦେଇଛନ୍ତି। ତାଙ୍କ ସଫଳତା ପାଇଁ ବିଭିନ୍ନ ବର୍ଗରୁ ଶୁଭେଚ୍ଛାର ସୁଅ ଛୁଟିବାରେ ଲାଗିଛି।

# ବିନା କୋଚିଂରେ ସଫଳ


ସତ୍ୟଜିତ୍ ପଟ୍ଟନାୟକ

କେନ୍ଦୁଝର, ୮।୧୦(ସ୍ୱ.ପ୍ର.): କେନ୍ଦୁଝର ସହରର ମାଇନିଂ ରୋଡ୍‌ର ସତ୍ୟଜିତ୍ ପଟ୍ଟନାୟକ ୧୩୦ ର୍ୟାଙ୍କ ରଖି ଚଳିତ ବର୍ଷ ଓଡ଼ିଶା ଲୋକସେବା ଆୟୋଗ ଦ୍ୱାରା ପରିଚାଳିତ ଓଡ଼ିଶା ସିଭିଲ ସର୍ଭିସ ପରୀକ୍ଷାରେ କୃତକାର୍ଯ୍ୟ ହୋଇଛନ୍ତି। ସେ ସ୍ଥାନୀୟ ସରସ୍ୱତୀ ଶିଶୁ ମନ୍ଦିରରୁ ମାଟ୍ରିକ ପାସ୍ ପରେ ଧରଣୀଧର ସ୍ୱୟଂ ଶାସିତ ମହାବିଦ୍ୟାଳୟରେ ଯୁକ୍ତ ୨, ପରେ ଯୁକ୍ତ ୩ ରେ ଭୂତତ୍ତ୍ୱରେ ଅନର୍ସ ନେଇ ସଫଳତାର ସହ ଉତ୍ତୀର୍ଣ୍ଣ ହୋଇଥିଲେ। ସେ ଧାନବାଦ ଆଇଆଇଟି (ଆଇଏସ୍‌ଏମ)ରେ ଏମଏସସି କରି ସ୍ଥାନୀୟ କେନ୍ଦୁଝରରେ ଏକ ଘରୋଇ ଯୁକ୍ତ ୩ କଲେଜରେ ଅଧାପକ ଭାବେ ନିଯୁକ୍ତି ପାଇଥିଲେ। ତାଙ୍କ ବାପା ସରୋଜ ପଟ୍ଟନାୟକ ବନ ବିଭାଗରେ ମୁଖ୍ୟ କିରାଣି ଭାବେ କାର୍ଯ୍ୟକରି ଅବସରଗ୍ରହଣ କରିଛନ୍ତି। ମା' ସନ୍ଧ୍ୟାରାଣୀ ପଟ୍ଟନାୟକ ଗୃହିଣୀ। ସେ ବିନା କୋଚିଂରେ ଦ୍ୱିତୀୟ ପ୍ରୟାସରେ କୃତିତ୍ୱ ହାସଲ କରିଥିବା କହିଛନ୍ତି। ସେ ଅନ୍‌ଲାଇନରେ ଜିଲା ଏବଂ ଜିଲା ବାହାର ଛାତ୍ରୀଛାତ୍ରଙ୍କୁ ପାଠ ପଢ଼ାଇବା ସହ ଆଇଆଇଟି କୋଚିଂ ଦେଉଥିଲେ। ତାଙ୍କର ସଫଳତା ପାଇଁ ପରିବାର ସଦସ୍ୟଙ୍କୁ ଶ୍ରେୟ ଦେଇଛନ୍ତି।

# ଗାଁର ନାଁ ରଖିଲେ ତାରାକାନ୍ତ

ସୋର, ୮।୧୦(ଡି.ଏନ୍.ଏ.)-ବାହାର ରାଜ୍ୟରେ ରହି ସ୍ୱଳ୍ପ ଦରମାରେ ପରିବାର ଚଳାଉଥିବା ଜଣେ ଦାଦନ ଶ୍ରମିକଙ୍କ ପୁଅ ଓସିଏସ୍ ପରୀକ୍ଷାରେ କୃତକାର୍ଯ୍ୟ ହୋଇଛନ୍ତି। ସୋର ବ୍ଲକ ନଟାପଡା ଗ୍ରାମର ଘନଶ୍ୟାମ ବାରିକଙ୍କ ପୁଅ ତାରାକାନ୍ତ ଜଣେ ମେଧାବୀ ଛାତ୍ର ଭାବେ ବୁର୍ଲା ଇଞ୍ଜିନିୟରିଂ କଲେଜରୁ ମେକାନିକାଲରେ ଡିଗ୍ରୀ ହାସଲ ପରେ ଏମ୍‌ବିଏ ପାସ କରି ଜିନ୍ଦଲରେ ଚାକିରୀ ଜୀବନ ଆରମ୍ଭ କରିଥିଲେ। ପରେ କୋଲ ଇଣ୍ଡିଆରେ ଚାକିରି କରୁଥିବା ବେଳେ ପ୍ରଶାସନିକ ସେବା ପ୍ରତି ମନ ବଳେଇ ସଫଳ ହୋଇଛନ୍ତି। ଏହି ସଫଳତା ପଛରେ ବାପା ଘନଶ୍ୟାମଙ୍କ ସହ ମାଆ ମୀନତିଙ୍କ ପ୍ରେରଣା ଥିବା କୁହନ୍ତି ତାରାକାନ୍ତ।

# ଦ୍ୱିତୀୟ ଥର ପାଇଁ ଗିରିଜା କୃତକାର୍ଯ୍ୟ

ପାଟଣା,୮।୧୦(ସ୍ୱ.ପ୍ର.)


ଗିରିଜା।

ଓଡ଼ିଶା ଲୋକସେବା ଆୟୋଗ ଦ୍ୱାରା ପରିଚାଳିତ ଓଡ଼ିଶା ସିଭିଲ୍ ସର୍ଭିସ୍ ପରୀକ୍ଷା (ଓସିଏସ) ପରୀକ୍ଷା ଫଳ ଶୁକ୍ରବାର ପ୍ରକାଶ ପାଇଛି। ଏଥିରେ କେନ୍ଦୁଝର ଜିଲା ସାହାରପଡ଼ା ବ୍ଲକ୍ ଖୁଣ୍ଟାପଡ଼ା ପଞ୍ଚାୟତ ପିପିଳିଆ ଗ୍ରାମ ଉପର ସାହିର ଗିରିଜାନନ୍ଦନ ହିନ୍ଦୟାର ଦ୍ୱିତୀୟ ଥର ପାଇଁ ଓସିଏସ୍ ପରୀକ୍ଷାରେ ର୍ୟାଙ୍କ ୧୦୧ରେ କୃତକାର୍ଯ୍ୟ ହୋଇଛନ୍ତି। ତାଙ୍କ ସଫଳତାର ଶ୍ରେୟ ମା' ଶ୍ରୀମତୀ ମହାନ୍ତ, ବାପା ଅବସରପ୍ରାପ୍ତ ଶିକ୍ଷକ ଗୌର ଚନ୍ଦ୍ର, ସ୍ତ୍ରୀ ପୂଜା ଓ ଭାଇଙ୍କୁ ଦେଇଛନ୍ତି। ବିନା କୋଚିଂରେ ବି ସଫଳ ହୋଇପାରିବ। ଏଥି ପାଇଁ ଅଧ୍ୟବସାୟ, ନିଷ୍ଠା ଓ ଏକାଗ୍ରତା ଥିବା ଦରକାର ବୋଲି ସେ କହିଛନ୍ତି। ପ୍ରଥମ ପସନ୍ଦ ବହି ପଢ଼ିବା, ଦ୍ୱିତୀୟରେ ଅବସର ମିଳିଲେ ନୂଆ ନୂଆ ରୋଷେଇ କରିବାରେ ତାଙ୍କୁ ଆନନ୍ଦ ମିଳିଥାଏ ବୋଲି କହିଛନ୍ତି। ଦିଲ୍ଲୀ ୟୁନିଭରସିଟିରୁ ଏନ୍‌ଭାରମେଣ୍ଟରେ ଏମଏସି କରିବା ପରେ ଭାରତ ସରକାରଙ୍କ ହୋମ ଆଫାୟାରର ଇମିଗ୍ରେଶନ ଅଫିସର ଭାବେ କୋଲକାତାରେ ଅବସ୍ଥାପିତ ଅଛନ୍ତି। ଭଲ ଆଲଟ୍‌ମେଣ୍ଟ ମିଳିଲେ ଚାକିରିରେ ଯୋଗଦେବେ ବୋଲି କହିଛନ୍ତି। ସୂଚନାଯୋଗ୍ୟ ଗିରିଜା ୨୦୧୫ରେ ମଧ୍ୟ ଓସିଏସ୍‌ରେ କୃତକାର୍ଯ୍ୟ ହୋଇଥିଲେ ହେଁ ର୍ୟାଙ୍କ୍ ଭଲ ନ ଥିବାରୁ ଚାକିରି କରି ନ ଥିଲେ।

# ସଫଳ ବିଶ୍ୱରଞ୍ଜନଙ୍କୁ ସମ୍ବର୍ଦ୍ଧନା

ବାହାନଗା, ୮।୧୦(ଡି.ଏନ.ଏ.)

ବାଲେଶ୍ୱର ଜିଲା ବାହାନଗା ବ୍ଲକ କୁରୁଡା ଗ୍ରାମର ମେଧାବୀ ଛାତ୍ର ବିଶ୍ୱରଞ୍ଜନ ନାୟକ ଓସିଏସ୍ ପରୀକ୍ଷାରେ ୨୨ତମ ସ୍ଥାନ ହାସଲ କରି ସଫଳ ହୋଇଛନ୍ତି। ଭୁବନେଶ୍ୱରରେ ଓୟୁଏଟିରେ ପିଜି କରୁଥିବା ବେଳେ ଓସିଏସ୍ ପରୀକ୍ଷା ଲାଗି ପ୍ରସ୍ତୁତ ହେଉଥିଲେ। ସେ ଶନିବାର ଗ୍ରାମରେ ପହଞ୍ଚିବା ପରେ ଗ୍ରାମବାସୀଙ୍କ ପକ୍ଷରୁ ଶୋଭାଯାତ୍ରାରେ ପାଛୋଟି ନେଇ ସମ୍ବର୍ଦ୍ଧନା ଜଣାଇଥିଲେ। ବିଶ୍ୱରଞ୍ଜନ ଏହି ସଫଳତାର ଶ୍ରେୟ ତାଙ୍କ ବାପା ଅଜୟ କୁମାର ନାୟକ ଓ ମା'ଙ୍କୁ ଦେଇଛନ୍ତି।


ବିଶ୍ୱରଞ୍ଜନ ନାୟକଙ୍କୁ ଗାଁ ଲୋକେ ଶୋଭାଯାତ୍ରାରେ ପାଛୋଟି ନେଉଛନ୍ତି।

# ଗୌରବ ଆଣିଲେ ଶୁଭାଙ୍ଗୀ, ସୌମ୍ୟ, ମାଧୁରୀ

ଭଦ୍ରକ ଅଫିସ/ପଦ୍ମପୁର, ୮।୧୦ (ଡି.ଏନ.ଏ.)


ଶୁଭାଙ୍ଗୀ ଖୁଣ୍ଟିଆ


ସୌମ୍ୟରଞ୍ଜନ ଜେନା


ମାଧୁରୀ ବେହେରା।

ଓଡ଼ିଶା ସିଭିଲ ସର୍ଭିସ ପରୀକ୍ଷାରେ କୃତକାର୍ଯ୍ୟ ହୋଇ ଜିଲା ପାଇଁ ଗୌରବ ଆଣିଛନ୍ତି ଭଦ୍ରକ ସହରର ସୁଶ୍ରୀ ଶୁଭାଙ୍ଗୀ ଖୁଣ୍ଟିଆ, ତିହିଡ଼ିର ସୌମ୍ୟ ରଞ୍ଜନ ଜେନା ଓ ବାସୁଦେବପୁରର ମାଧୁରୀ ବେହେରା। ଭଦ୍ରକ ସହରର ବ୍ୟବସାୟୀ ସତ୍ୟନାରାୟଣ ଖୁଣ୍ଟିଆ ଓ ଗୃହିଣୀ ସବିତା ଖୁଣ୍ଟିଆଙ୍କ ଝିଅ ଶୁଭାଙ୍ଗୀ(୨୫) ୯୭ ର୍ୟାଙ୍କରେ ସ୍ଥାନ ପାଇଛନ୍ତି। ଭଦ୍ରକ ଫେକର ହାଇସ୍କୁଲରୁ ମାଟ୍ରିକ ପାସ୍ କରିବା ପରେ ଭୁବନେଶ୍ୱର ଚନ୍ଦ୍ରଶେଖରପୁର ଡିଏଭି ସ୍କୁଲରେ ଯୁକ୍ତ ୨ ବିଜ୍ଞାନରେ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିଲେ। ପରେ ହାଇଦ୍ରାବାଦ ବିଶ୍ୱବିଦ୍ୟାଳୟରୁ ଏଗ୍ରିକଲ୍‌ଚରରେ ଗ୍ରାଜୁଏଶନରେ ସ୍ୱର୍ଣ୍ଣପଦକ ପାଇଥିଲେ। ଏହି ପରୀକ୍ଷା ପାଇଁ କଠିନ ପରିଶ୍ରମ କରିଥିଲେ। ନିଶ୍ଚିତ ଉତ୍ତୀର୍ଣ୍ଣ ହେବେ ତାଙ୍କର ଦୃଢ଼ ବିଶ୍ୱାସ ଥିଲା ବୋଲି କହିଥିବା ବେଳେ ପ୍ରଥମ ଥରରେ ଏହି ସଫଳତା ପାଇଁ ସେ ଖୁସିବ୍ୟକ୍ତ କରିଛନ୍ତି। ସଫଳତାର ଶ୍ରେୟ ବାପା, ମା' ଓ ପରିବାର ସଦସ୍ୟଙ୍କୁ ଦେଇଛନ୍ତି। ଭାରତୀୟ ପ୍ରଶାସନିକ ସେବା ପରୀକ୍ଷା ମଧ୍ୟ ଦେଇଛନ୍ତି। ଭବିଷ୍ୟତରେ ଆଇଏଏମ୍ ହେବାକୁ ଲକ୍ଷ୍ୟ ରଖିଛନ୍ତି। ଗରିବ ଲୋକଙ୍କ ସେବା କରିବେ ବୋଲି ସେ କହିଛନ୍ତି।

ସେହିପରି ତିହିଡ଼ି ବ୍ଲକ ଅଧୀନ ଭାଟପଡ଼ା ପଞ୍ଚାୟତ ପାଟଣାସାହିର ପ୍ରଦୀପ ଜେନାଙ୍କ ବଡ଼ପୁଅ ସୌମ୍ୟରଞ୍ଜନ(୩୪) ୧୩୮ ର୍ୟାଙ୍କରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ପ୍ରଥମ ଉଦ୍ୟମରେ ସେ ଏହି ପରୀକ୍ଷାରେ କୃତକାର୍ଯ୍ୟ ହୋଇଛନ୍ତି। ସେ ଆଇଟି ଇଞ୍ଜିନିୟର ଭାବେ କ୍ୟାରିୟର ଆରମ୍ଭ କରି ଏଏସ୍‌ଓ ପଦରେ କାର୍ଯ୍ୟରତ ଥିଲେ। ନିଜର କାର୍ଯ୍ୟ ସମ୍ପାଦନ ସହ ପାଠପଢ଼ାରେ ଧ୍ୟାନ ଦେଉଥିଲେ ବୋଲି ସେ କହିଛନ୍ତି।

ବାସୁଦେବପୁର ବ୍ଲକ ବାଗଦା ବିନାୟକପୁର ଗ୍ରାମର ମାଧୁରୀ(୨୯) ୧୭୪ ର୍ୟାଙ୍କରେ ସ୍ଥାନ ପାଇଛନ୍ତି। କଠିନ ପରିଶ୍ରମ ବଳରେ ପ୍ରଥମ ଥରରେ ସେ କୃତକାର୍ଯ୍ୟ ହୋଇଛନ୍ତି। ତାଙ୍କ ବାପା ବାସୁଦେବପୁର ସହରର ଫୁଟ୍‌ପାଥ୍‌ରେ ଦୋକାନ କରି ପରିବାର ଚଳାନ୍ତି। ଏକ ଗରିବ ଘରେ ଜନ୍ମ ହୋଇଥିବା ବେଳେ ପାଠପଢ଼ା ପ୍ରତି ତାଙ୍କର ଆଗ୍ରହ ପାଖରେ ଅର୍ଥାଭାବ ହାର୍ ମାନିଥିଲା। ଦୁଇବର୍ଷ ତଳେ ସେ ବିବାହ କରିଥିଲେ। ସଂସାର ଓ ପରିବାର ଜଞ୍ଜାଳ ମଧ୍ୟରେ ପାଠପଢ଼ା ଜାରି ରଖିଥିଲେ। ମେଡିଶିନ ରିପ୍ରେଜେଣ୍ଟେଟିଭ ଭାବେ କାର୍ଯ୍ୟରତ ସ୍ୱାମୀ ଦାମୋଦର ତାଙ୍କୁ ପଢ଼ିବା ପାଇଁ ଉତ୍ସାହିତ କରୁଥିଲେ। ଏହି ସଫଳତା ପାଇଁ ସେ ମା', ବାପା, ଶାଶୁ, ଶ୍ୱଶୁର ଓ ସ୍ୱାମୀଙ୍କୁ ଶ୍ରେୟ ଦେଇଛନ୍ତି।

# ଖଇରାର ଗୌରବ ବିଶ୍ୱଜିତ୍


ବିଶ୍ୱଜିତ ପଣ୍ଡା।

ଖଇରା, ୮।୧୦(ଡି.ଏନ.ଏ.): ଓଡିଶା ପ୍ରଶାସନିକ ସେବା ଫଳ ପ୍ରକାଶ ପାଇଥିବା ବେଳେ ଖଇରା ବ୍ଲକ ସାରୁଗାଁ ପଞ୍ଚାୟତ ରାଉତରାୟପୁର ଗ୍ରାମର ବିଶ୍ୱଜିତ ପଣ୍ଡା ୧୬ତମ ର୍ୟାଙ୍କରେ ରହି ଖଇରା ଅଞ୍ଚଳ ପାଇଁ ଗର୍ବ ଆଣି ଦେଇଛନ୍ତି। ଅବସରପ୍ରାପ୍ତ ଶିକ୍ଷକ ବୈକୁଣ୍ଠନାଥ ପଣ୍ଡା ଓ ରେବତୀ ପଣ୍ଡାଙ୍କ କନିଷ୍ଠ ପୁତ୍ର ବିଶ୍ୱଜିତ ୟୁପିଏସସି ସହ ଓପିଏସସି ପାଇଁ ମଧ୍ୟ ପ୍ରସ୍ତୁତ ହେଉଥିଲେ । ସେ ପରୀକ୍ଷା ଦେବା ପରେ ନିଶ୍ଚିତ କୃତକାର୍ଯ୍ୟ ହେବେ ଆଶା କରିଥିଲେ। ଜୀବନଜୀବିକା ପାଇଁ ସାଧାରଣ ଲୋକ କିପରି ସଂଘର୍ଷ କରନ୍ତି ତାହା ସେ ଦେଖିଛନ୍ତି । ସେ ଡ୍ୟୁଟିରେ ରହି ତାଙ୍କ ଦ୍ୱାରା ଯେତିକି ସମ୍ଭବ ଅଞ୍ଚଳର ଉନ୍ନତି ପାଇଁ କାମ କରିବେ ବୋଲି କହିଛନ୍ତି । ସଫଳତାର ଶ୍ରେୟ ସେ ତାଙ୍କ ମା' ବାପାଙ୍କୁ ପ୍ରଦାନ କରିଛନ୍ତି। ରାଉରକେଲା ଏନଆଇଟିରୁ ପାସ୍ ପରେ ସେ ଓପିଏସସି ପାଇଁ ପ୍ରସ୍ତୁତ ହେଉଥିଲେ।

## ଆଜି କ'ଣ କେଉଁଠି

**ଭଦ୍ରକ**
- ମହମ୍ମଦ ଜୟନ୍ତୀ ଉପଲକ୍ଷେ ଧର୍ମସଭା, ସ୍ଥାନ: ମଦିନା ମଇଦାନ, ସମୟ: ସନ୍ଧ୍ୟା ୭ଟା।
- ଜମାତ ଅହମଦିଆ ପକ୍ଷରୁ ଫଳ ବଣ୍ଟନ, ସ୍ଥାନ: ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ବିଜେଡିର ପଦଯାତ୍ରା ଶୁଭାରମ୍ଭ, ସ୍ଥାନ: ଯାଦବ ପଡ଼ିଆ, ବାସୁଦେବପୁର, ସମୟ: ସକାଳ ୯ଟା।
- ମହମ୍ମଦ ଜୟନ୍ତୀ ଉପଲକ୍ଷେ ସର୍ବସାଧାରଣ ଦର୍ଶନ, ସ୍ଥାନ: ଖାନ୍‌କା ସରିଫ, ଧାମନଗର, ସମୟ: ସକାଳ ୯ରୁ ଅପରାହ୍ନ ୨ଟା।

**କେନ୍ଦୁଝର**
- କୁମାର ଉତ୍ସବ ଓ ନିଳାଦ୍ରୀର ବାର୍ଷିକୋତ୍ସବ। ସ୍ଥାନ: ନିଳାଦ୍ରୀ କାର୍ଯ୍ୟାଳୟ ପରିସର, ପିଏଚ୍‌ଡି ରୋଡ୍, ବଡ଼ବିଲ। ସମୟ: ସନ୍ଧ୍ୟା ୬. ୩୦

**ବାଲେଶ୍ୱର**
- ସହାୟକର ଷୋଡ଼ଶ ବାର୍ଷିକ ଉତ୍ସବ। ସ୍ଥାନ: ଆତିଥ୍ୟ ସମ୍ମିଳନୀ କକ୍ଷ, ପାଣିଟାଙ୍କି। ସମୟ: ପୂର୍ବାହ୍ନ ୧୦ଟା

# ରଙ୍ଗ ପଡ଼ି ସୋଲାର ପ୍ଲେଟ୍ ଅଚଳ

## ଜଳ ଯୋଗାଣରେ ବାଧା

କେନ୍ଦୁଝର,୮।୧୦(ସ୍ୱ.ପ୍ର.)

ଝୁମ୍ପୁରା ବ୍ଲକ୍ ନହବେଡ଼ା ଗ୍ରାମରେ ଥିବା ପାନୀୟ ଜଳ ପ୍ରକଳ୍ପର ସୋଲାର ବ୍ୟବସ୍ଥା ଅଚଳ ହୋଇପଡ଼ିଛି। ସୋଲାର ପ୍ଲେଟରେ ରଙ୍ଗ ପଡ଼ି କାମ କରୁ ନ ଥିବାରୁ ବିଦ୍ୟୁତ୍ କାଟ ସମୟରେ ଜଳ ଯୋଗାଣରେ ବାଧା ଉପୁଜୁଛି। ଫଳରେ ପ୍ରକଳ୍ପ ଉପରେ ନିର୍ଭର କରୁଥିବା ବାବୁସାହି, ଜନସନ୍‌ପୁର ସାହି ଓ ପଞ୍ଚାୟତ ଅଫିସ ପାଖ ସାହିର ପାଖାପାଖି ୩୯୦ ପରିବାର ପାନୀୟ ଜଳ ପାଇଁ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି।

ସୂଚନା ମୁତାବକ ଉକ୍ତ ପାନୀୟ ପ୍ରକଳ୍ପର ୮୦ ହଜାର ଲିଟରବିଶିଷ୍ଟ ଓଭରହେଡ୍ ଟାଙ୍କିକୁ ଗତ ୧ ମାସ ତଳେ ରଙ୍ଗ କରାଯାଇଥିଲା। ଠିକାଦାରଙ୍କ ବେପରୁଆ ମନୋଭାବ ଯୋଗୁ ସୋଲାର ପ୍ଲେଟ୍ ଉପରେ ରଙ୍ଗ ପଡ଼ି ଜମି ରହି ତାହା କାମ କରୁନି। ପ୍ରକଳ୍ପ ସୋଲାର ପାୱାର ସହ ଜରୁରୀ ସମୟରେ ବିଦ୍ୟୁତ୍‌ରେ ପାଣି ଉଠାଇବା ବ୍ୟବସ୍ଥା କରାଯାଇଥିଲା। କିନ୍ତୁ ଏବେ ସୋଲାର ପ୍ଲେଟ୍ ଅଚଳ ହେବା ଫଳରେ ସମ୍ପୂର୍ଣ୍ଣ ଭାବେ ବିଦ୍ୟୁତ୍‌ରେ ଚାଲୁଛି। ବିଦ୍ୟୁତ୍ ବିଲ ଅଧିକ ହେଉଥିବାରୁ ଗ୍ରାମବାସୀ ଅଯଥା ଖର୍ଚ୍ଚାନ୍ତ ହେଉଛନ୍ତି। ବିଦ୍ୟୁତ୍ କାଟ ସମୟରେ ଜଳ ଯୋଗାଣ ହୋଇ ପାରୁନି। ଏ ନେଇ ସମ୍ପୃକ୍ତ ବିଭାଗ ଏବଂ ପଞ୍ଚାୟତକୁ ଜଣାଇଥିଲେ ମଧ୍ୟ ସୋଲାର ପ୍ଲେଟ୍ କାର୍ଯ୍ୟକ୍ଷମ କରିବା ନେଇ ପଦକ୍ଷେପ ନିଆଯାଉ ନ ଥିବା ଗ୍ରାମବାସୀ କହିଛନ୍ତି। ଏ ନେଇ ଝୁମ୍ପୁରା ବ୍ଲକ୍ ଗ୍ରାମ୍ୟ ଜଳ ଯୋଗାଣର କନିଷ୍ଠ ଯନ୍ତ୍ରୀ ଇଂ. ମୋହନ ସିଂ କହିଛନ୍ତି ୩୯୦ ପରିବାର ଏହା ଉପରେ ନିର୍ଭର କରୁଛନ୍ତି। ୨୦ ରୁ ୧୨ ଟି ପ୍ଲେଟ୍ ଉପରେ ରଙ୍ଗ ପଡ଼ିଥିବାରୁ ତାହା କାମ କରୁନି। ଠିକାଦାରଙ୍କୁ ସୋଲାର ପ୍ଲେଟ୍ ତୁରନ୍ତ ସଫା କରିବାକୁ କୁହାଯାଇଛି।


ପାଣି ଟାଙ୍କି ନିକଟରେ ଥିବା ସୋଲାରରେ ରଙ୍ଗ ଜମି ରହିଛି।

# ଏନ୍‌ଏଚ୍ ୪୯ରେ ଅଣ୍ଡରପାସ ନିର୍ମାଣ ପାଇଁ କେନ୍ଦ୍ରମନ୍ତ୍ରୀଙ୍କୁ ଦାବିପତ୍ର


କେନ୍ଦ୍ରମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି ଭାଜପା କର୍ମକର୍ତ୍ତା।

କେନ୍ଦୁଝର,୮।୧୦(ସ୍ୱ.ପ୍ର.)

କେନ୍ଦୁଝର ଜିଲା ଦେଇ ଯାଇଥିବା କଲିକତା-ମୁମ୍ବାଇ ଏନ୍‌ଏଚ୍ ୪୯ର ତୁରୁମୁଙ୍ଗା, ଖିରେଇ ଟାଙ୍ଗିରି ଓ ଚିଲିଦା ନିକଟରେ ଅଣ୍ଡର ପାସ ନିର୍ମାଣ ଦାବି ହୋଇଛି। ଏ ନେଇ ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ରାଧାକାନ୍ତ ମହାନ୍ତଙ୍କ ନେତୃତ୍ୱରେ ଏକ ଦଳ କେନ୍ଦ୍ରମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁ କେନ୍ଦୁଝର ଗସ୍ତରେ ଆସିଥିବା ବେଳେ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ଉକ୍ତ ରାସ୍ତାରେ ବହୁ ସଂଖ୍ୟାରେ ଭାରିଯାନ ଚଳାଚଳ କରୁଥିବାରୁ ରାସ୍ତା ପାର ହୋଇ ସ୍କୁଲ, କଲେଜ, ଅଫିସ, ହାଟ ବଜାର, ବାଡ଼ି ବଗିଚା ଆଦିକୁ ଯିବା ଆସିବା ବେଳେ ଲୋକେ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି ବୋଲି ଶ୍ରୀ ମହାନ୍ତ କହିଛନ୍ତି। ଅନ୍ୟ ମାନଙ୍କ ମଧ୍ୟରେ ବିଧାୟକ ମୋହନ ମାଝୀ, ସୁବ୍ରତ ମହାନ୍ତି , ଅଖିଳ ନାୟକ ସମେତ ଅନ୍ୟ ମାନେ ଉପସ୍ଥିତ ଥିଲେ।

# ଯାଦବ ମହାସଭାର ପରିବର୍ଦ୍ଧିତ କାର୍ଯ୍ୟକାରିଣୀ

ଧାମନଗର, ୮।୧୦(ଡି.ଏନ.ଏ.)

ଭଦ୍ରକ ଜିଲା ଧାମନଗର ବ୍ଲକ ଯାଦବ ମହାସଭାର ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକ ଦକ୍ଷିଣବାଡ଼ସ୍ଥିତ ମୁରଲୀ ମନୋହର ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। ସୁବାସ ବାରିକ ଏଥିରେ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ଜିଲା ଯାଦବ ମହାସଭାର ସଭାପତି ତଥା ନାଟ୍ୟକାର ଡ. ସୁଧାଂଶୁ ଶେଖର ନାୟକ ଯୋଗଦେଇ ସଙ୍ଗଠନକୁ ତୃଣମୂଳ ସ୍ତରରୁ ରାଜ୍ୟ ପର୍ଯ୍ୟନ୍ତ ପହଞ୍ଚାଇବା ନେଇ ଆଲୋକପାତ କରିଥିଲେ। ଆସନ୍ତା ନଭେମ୍ବର ୨୫ ସୁଦ୍ଧା ଯାଦବ ପରିବାରର ଜାତିଭିତ୍ତିକ ଜନଗଣନା କାର୍ଯ୍ୟ ସମାପନ କରାଯିବାକୁ ସ୍ଥିର ସହ ଯାଦବ ପରିବାରର ଶିକ୍ଷା, ସଂସ୍କୃତି, ସାମାଜିକ ଚେତନା ଓ ଏକତା ବଜାୟ ରଖିବାକୁ ସଙ୍ଗଠନର ଦୃଢ଼ତା ପାଇଁ ସମସ୍ତଙ୍କ ସହଯୋଗ ଲୋଡ଼ା ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ଜିଲା ସାଧାରଣ ସମ୍ପାଦକ ଦିଲୀପ ନାୟକ ଅର୍ଥନୈତିକ ବିକାଶ ଦିଗରେ ଆଲୋକପାତ କରିଥିଲେ। ଅନ୍ୟତମ ଅତିଥି ଭାବେ ଭଣ୍ଡାରିପୋଖରୀ ବ୍ଲକର ପୂର୍ବତନ ଉପାଧ୍ୟକ୍ଷ ସତ୍ୟବ୍ରତ ଦାସ, ବ୍ଲକ କାର୍ଯ୍ୟକାରୀ ସଭାପତି ଅନିଲ ବାରିକ, ସମ୍ପାଦକ ମାଧବ ଚନ୍ଦ୍ର ଖଟୁଆ, ଅମରେଶ ପଲାଇ, ଆନନ୍ଦ ଚନ୍ଦ୍ର ଦାସ, ରବୀନ୍ଦ୍ର ଦାସ, କାମଦେବ ବେହେରା, ରବୀନ୍ଦ୍ର ବେହେରା, କ୍ଷେତ୍ରବାସୀ ବାରିକ, କୈଳାସ ବେହେରା, ରମାକାନ୍ତ ବେହେରା, ରାଜୀବ ଲୋଚନ ଦାସ ପ୍ରମୁଖ ବୈଠକରେ ଯୋଗ ଦେଇଥିଲେ। ମାନଗୋବିନ୍ଦ ଦାସ ଧନ୍ୟବାଦ ପ୍ରଦାନ କରିଥିଲେ।

# ଆଟେଣ୍ଡାଣ୍ଟଙ୍କ ହାତରେ ବ୍ୟାଟେରି ଚାଳିତ ଗାଡ଼ି



## ଦୁର୍ଘଟଣା ନେଇ ଡାକ୍ତରଖାନାରେ ଉତ୍ତେଜନା

ବାରିପଦା ଅଫିସ,୮।୧୦

ମୟୂରଭଞ୍ଜ ଜିଲା ବାରିପଦାସ୍ଥିତ ପିଆର୍‌ଏମ୍ ମେଡିକାଲ କଲେଜ ଓ ହସ୍ପିଟାଲରେ ବ୍ୟବହୃତ ବ୍ୟାଟେରି ଚାଳିତ ଗାଡ଼ିକୁ ଆଟେଣ୍ଡାଣ୍ଟଙ୍କ ଚଳାଉଥିବା ବେଳେ ଶନିବାର ସନ୍ଧ୍ୟାରେ ଦୁର୍ଘଟଣା ଘଟିଛି। ରାସ୍ତାକଡ଼ରେ ଛିଡ଼ା ହୋଇଥିବା ଏକ ଆମ୍ବୁଲାନ୍ସକୁ ଧକ୍କା ଦେବାରୁ ନୂଆ ଗାଡ଼ିଟିର ସମ୍ମୁଖ କାଚ ଭାଙ୍ଗିଯାଇଛି। ଏହାକୁ ନେଇ ଡାକ୍ତରଖାନା ପରିସରରେ ଉତ୍ତେଜନା ଦେଖାଦେଇଛି।

ଏହି ଡାକ୍ତରଖାନାରେ ରୋଗୀମାନଙ୍କୁ ନେବାଆଣିବା କରିବା ପାଇଁ ୧୦ଦିନ ପୂର୍ବରୁ ଦୁଇଟି ବ୍ୟାଟେରି ଚାଳିତ ଗାଡ଼ି ନିୟୋଜିତ କରାଯାଇଛି। ଏହି ଗାଡ଼ିକୁ ଚଲାଇବା ପାଇଁ କୌଣସି ଡ୍ରାଇଭର ନିଯୁକ୍ତି ଦିଆଯାଇ ନ ଥିବାରୁ ଗାଡ଼ିଗୁଡ଼ିକ ବ୍ୟବହାର ହୋଇପାରୁ ନ ଥିଲା। ଗୁରୁତର ରୋଗୀମାନଙ୍କୁ ନେବାଆଣିବା କରିବାରେ ବହୁ ଅସୁବିଧା ପରିଲକ୍ଷିତ ହେଉଥିଲା। ଶନିବାର ସନ୍ଧ୍ୟାରେ ରୋଗୀଙ୍କୁ ସ୍ଥାନାନ୍ତର କରିବା ଲାଗି ଜଣେ ଅନଭିଜ୍ଞ କର୍ମଚାରୀଙ୍କୁ ଦାୟିତ୍ୱ ଦିଆଯାଇଥିଲା। ତେବେ ବ୍ୟାଟେରି ଚାଳିତ ଗାଡ଼ିକୁ ଧରି ଆଟେଣ୍ଡାଣ୍ଟମାନେ ଚଳାଉଥିବା ସମୟରେ ଭାରସାମ୍ୟ ହରାଇ ରାସ୍ତାପାର୍ଶ୍ୱରେ ଛିଡ଼ା ହୋଇଥିବା ଏକ ଆମ୍ବୁଲାନ୍ସକୁ ଗାଡ଼ି ଧକ୍କା ଦେଇଥିଲା। ଏହାକୁ ନେଇ ଉତ୍ତେଜନା ପ୍ରକାଶ ପାଇଥିଲା। ଡାକ୍ତରଖାନା କର୍ତ୍ତୃପକ୍ଷ ପହଞ୍ଚି ଉତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବା ପରେ ସ୍ଥିତି ସ୍ୱାଭାବିକ ହୋଇଥିଲା। ଦୁର୍ଘଟଣା ଘଟାଇଥିବା ଆଟେଣ୍ଡାଣ୍ଟ ଜଣଙ୍କ ବାଧ୍ୟହୋଇ ଗାଡ଼ି ଚଲାଉଥିବା ପ୍ରକାଶ କରିଛନ୍ତି। ତେବେ ଏହି ଗାଡ଼ି ଦ୍ୱାରା ସେବା ପ୍ରଦାନ ପୂର୍ବରୁ କର୍ମଚାରୀ ନିଯୁକ୍ତି ପାଇଁ ସାଧାରଣରେ ଦାବି ହୋଇଛି।

## ଅଞ୍ଚଳରୁ ଜୁଆଖେଳ ବନ୍ଦ ଦାବି

# ଥାନାର ଦ୍ୱାରସ୍ଥ ହେଲେ ପଞ୍ଚାୟତବାସୀ

ପାଟଣା,୮।୧୦(ସ୍ୱ.ପ୍ର.)

କେନ୍ଦୁଝର ଜିଲା ପାଟଣା ଥାନା ସାହାରପଡ଼ା ବ୍ଲକ୍ ଉପାନ୍ତ ଅଞ୍ଚଳ ମାଛଗଡ଼ ପଞ୍ଚାୟତ ଲୋକେ ସ୍ଥାନୀୟ ଅଞ୍ଚଳରେ ଜୁଆଖେଳକୁ ବନ୍ଦ ଦାବି କରିଛନ୍ତି। ଏ ନେଇ ପଞ୍ଚାୟତବାସୀ ଶନିବାର ସାହାରପଡ଼ା ଫାଣ୍ଡି ଓ ପାଟଣା ଥାନାରେ ଦାବିପତ୍ର ପ୍ରଦାନ କରିଛନ୍ତି। ଏଥିପୂର୍ବରୁ ସେମାନେ କେନ୍ଦୁଝର ଜିଲାପାଳ ଆଶିଷ ଠାକରେଙ୍କୁ ଡାକ ଯୋଗେ ଦାବିପତ୍ର ପ୍ରେରଣ କରିଥିବା ସୂଚନା ଦେଇଛନ୍ତି। ଅଭିଯୋଗ ଅନୁଯାୟୀ ପଞ୍ଚାୟତ ଅଞ୍ଚଳରେ ଜୁଆଖେଳ ବୃଦ୍ଧି ପାଇଥିବା ଯୋଗୁ ପାରିବାରିକ ହିଂସା ବୃଦ୍ଧି ସହ ଆର୍ଥିକ ଅନାଟନ ଦେଖାଦେଉଛି। ଜୁଆ ଖେଳୁଥିବା ବ୍ୟକ୍ତି ଘରର ଆସବାବପତ୍ରଠାରୁ ଆରମ୍ଭ କରି ଧାନ ଚାଉଳ ବିକି ସର୍ବସ୍ୱାନ୍ତ ହେଉଥିବା ଅଭିଯୋଗ ହୋଇଛି। ଏଣୁ ଜୁଆଖେଳକୁ ମାଛଗଡ଼ ପଞ୍ଚାୟତରେ ବନ୍ଦ କରିବାକୁ ଦାବି ଜୋର ଧରିଛି। ପାଟଣା ଥାନା ଅଧିକାରୀ ମନୋରଞ୍ଜନ ପ୍ରଧାନ ଜୁଆଖେଳ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି ପ୍ରତିଶ୍ରୁତି ଦେଇଥିବା ପଞ୍ଚାୟତବାସୀ କହିଛନ୍ତି।

# ଗାଁ ବୁଲି ଲୋକଙ୍କୁ ଭେଟିଲେ ବିଜେଡି କର୍ମୀ

ଭଣ୍ଡାରିପୋଖରୀ, ୮।୧୦(ସ୍ୱ.ପ୍ର.)

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକର ବିଭିନ୍ନ ପଞ୍ଚାୟତରେ ବିଜେଡି ପକ୍ଷରୁ ଜନସମ୍ପର୍କ ପଦଯାତ୍ରା କରାଯାଇଛି। ବିଧାୟକଙ୍କ ପ୍ରତିନିଧି ଇଂ. ପ୍ରୟାସକାନ୍ତି ସାମଲଙ୍କ ପରାମର୍ଶ କ୍ରମେ ନପଙ୍ଗ ପଞ୍ଚାୟତଠାରେ ବୁଥ୍ କମିଟି ସହ ଜନସମ୍ପର୍କ ଅଭିଯାନ ଆରମ୍ଭ ହୋଇଛି। ଏଥିରେ ବ୍ଲକ ଉପାଧ୍ୟକ୍ଷ ପ୍ରଣୀତକାନ୍ତି ସାମଲ, ୨୪ ନଂ. ଜିଲା ପରିଷଦ ସଭ୍ୟ ଉତ୍କଳ କେଶରୀ ମହାନ୍ତି, ଯୁବନେତା ଆକାଶ ନାୟକ, ଜଳଧର ଜେନା, ମନୁ ରାୟ ପ୍ରମୁଖ ଯୋଗଦେଇ ରାଜ୍ୟ ସରକାରଙ୍କ ଜନହିତକର କାର୍ଯ୍ୟ ସମ୍ପର୍କରେ ଲୋକଙ୍କୁ ଅବଗତ କରିଥିଲେ। ସେହିପରି ବିଷ୍ଣୁପୁର ପଞ୍ଚାୟତ ପକ୍ଷରୁ ସରପଞ୍ଚ ଅମୂଲ୍ୟ ନାୟକଙ୍କ ସଂଯୋଜନାରେ ଅନୁଷ୍ଠିତ ଜନସମ୍ପର୍କ ପଦଯାତ୍ରାରେ ବ୍ଲକ ଉପାଧ୍ୟକ୍ଷ ସାମଲ, ଜିଲା ପରିଷଦ ସଭ୍ୟ ଲକ୍ଷ୍ମୀଧର ସାହୁ, ସମିତିସଭ୍ୟା ଶୁଭଲକ୍ଷ୍ମୀ ପାଣିଗ୍ରାହୀ, ପଞ୍ଚାୟତ ସଭାପତି ବିଜୟ ଖିଲାର, ବିଜେଡି ନେତା ଭାସ୍କର ଦାସ, ସୁଧାକର ମହାପାତ୍ର, ଅଜିତ ଦାସ, ହେମନ୍ତ ଜେନା, ଅଶୋକ ପଣ୍ଡା, କୃଷ୍ଣ ରାଉତ, ପ୍ରସନ୍ନ ରାଉଳ, ରାଜେନ୍ଦ୍ର ନାୟକ, ସୁଲୁ ପଣ୍ଡା ପ୍ରମୁଖ ସାମିଲ ହୋଇଥିଲେ। ବିଜେଡି କର୍ମୀମାନେ ବିଷ୍ଣୁପୁର ଗାଁ ବୁଲି ବିଭିନ୍ନ ଜନକଲ୍ୟାଣ କାର୍ଯ୍ୟ ବାବଦରେ ଲୋକଙ୍କୁ ଜଣାଇଥିଲେ।



ବିଷ୍ଣୁପୁର ପଞ୍ଚାୟତରେ ବିଜେଡିର ଜନସମ୍ପର୍କ ପଦଯାତ୍ରା।

# ବାୟୁସେନାର ଗୌରବମୟ ଇତିହାସ ପ୍ରେରଣା ଯୋଗାଇବ

ବାଲେଶ୍ୱର ଅଫିସ, ୮।୧୦

ବାଲେଶ୍ୱର ଜିଲା ଭାରତୀୟ ପୂର୍ବତନ ସେନାନୀ ସଂଘ ପକ୍ଷରୁ ବାୟୁସେନା ଦିବସ ପାଳନ ଅବସରରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ରୋଗୀମାନଙ୍କୁ ଫଳ ବଣ୍ଟନ କରିଛନ୍ତି। ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ସଂଘ ସଭାପତି କର୍ଣ୍ଣେଲ୍ କ୍ଷେତ୍ରମୋହନ ମହାପାତ୍ର ଉପସ୍ଥିତ ରହି ୧୯୩୨ ମସିହା ଆଜି ଦିନରେ 'ଏୟାରଫୋର୍ସ'ର ପ୍ରତିଷ୍ଠା ହୋଇଥିଲା ଏବଂ ଆଜି ସାରା ପୃଥିବୀରେ ଭାରତୀୟ ବାୟୁସେନା ୪ର୍ଥ ସ୍ଥାନରେ ଅଛି। ଏହା ଏକ ଗୌରବର ବିଷୟ। ବାୟୁସେନାର ଗୌରବମୟ ଇତିହାସ ସମସ୍ତ ଭାରତୀୟଙ୍କୁ ପ୍ରେରଣା ଦେଇ ଆଗାମୀ ଦିନର ସଂଗ୍ରାମ ପାଇଁ ପ୍ରସ୍ତୁତ ରହିବା ଶପଥକୁ ସଭ୍ୟମାନେ ଦୋହରାଇଥିବା ପ୍ରକାଶ କରିଥିଲେ। ସମ୍ପାଦକ ଆନନ୍ଦ ଚନ୍ଦ୍ର ବରାଳ ଯୋଗଦେଇ ବାୟୁସେନା ଦିବସ ପାଳନର ମୁଖ୍ୟ ଉଦ୍ଦେଶ୍ୟ ସମ୍ପର୍କରେ କହିଥିଲେ। କାର୍ଯ୍ୟକ୍ରମରେ ସଂଘର ସହ-ସମ୍ପାଦକ ହେମନ୍ତ କୁମାର ଭୂୟାଁ, ଉପଦେଷ୍ଟା ଜୟନ୍ତ କୁମାର ସାହୁ ଏବଂ ଅନ୍ୟ ସଭ୍ୟ ଯଦୁନାଥ ସାହୁ, ପ୍ରଦୀପ କୁମାର ବେହେରା, ଅଭୟ ଲାଲ୍ ପାତ୍ର, କିଶୋର ଚନ୍ଦ୍ର ବେହେରା, ବିଶ୍ୱଜିତ୍ ଦାସ, ଦୀନବନ୍ଧୁ ବେହେରା, ହରିହର ରାଉତ, କମଳାକାନ୍ତ ବେହେରା ଓ ଲକ୍ଷ୍ମୀଧର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# 'ତୁଷାରକାନ୍ତି ଥିଲେ ଗାନ୍ଧିବାଦୀ'

ଭଦ୍ରକ ଅଫିସ, ୮।୧୦

ପୂର୍ବତନ ଆଇନଜୀବୀ ସ୍ୱର୍ଗତ ତୁଷାରକାନ୍ତି ମହାନ୍ତି ଜଣେ ଗାନ୍ଧିବାଦୀ, ସାମାଜିକ କର୍ମୀ, ଦରଦୀ ମଣିଷ ତଥା ଉତ୍ସର୍ଗୀକୃତ ଅଧିବକ୍ତା ଥିଲେ ବୋଲି ଭଦ୍ରକର ତ୍ୟାଗଭୂମି ସାଂସ୍କୃତିକ ସମ୍ମେଳନ ଆନୁକୂଲ୍ୟରେ ନୂଆବଜାର ଭାଗବତ କଲ୍ୟାଣ ମଣ୍ଡପରେ ଶୁକ୍ରବାର ସନ୍ଧ୍ୟାରେ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି ସଭାରେ ମତପ୍ରକାଶ ପାଇଛି। ତ୍ୟାଗଭୂମି ସାଂସ୍କୃତିକ ସମ୍ମେଳନର ସଭାପତି ଅଜୟ ନାୟକ ଏଥିରେ ସଭାପତିତ୍ୱ କରିଥିଲେ। ଭଦ୍ରକର ବରିଷ୍ଠ ଅଧିବକ୍ତା ନିରାକାର ଜେନା, ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନର ଭଦ୍ରକ ଜିଲା ସଭାପତି ଇଂ. ଅଖିଳେଶ ପାଢ଼ୀ, ଗାନ୍ଧୀ ବିଚାର ମଞ୍ଚର ଜିଲା ସଭାପତି ଶାନ୍ତନୁ ରାଉତ, ଭଦ୍ରକ ରୋଟାରି କ୍ଲବ ସଭ୍ୟ ତଥା ସାଳନ୍ଦୀ ପୁସ୍ତକ ମେଳା କମିଟି ସମ୍ପାଦକ ଅଭିଜିତ ନାୟକ ପ୍ରମୁଖ ସଭାରେ ଯୋଗଦେଇ ସ୍ମୃତିଚାରଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଭଦ୍ରକ ଓକିଲ ସଂଘ ସଭାପତି ଦିଲୀପ ମହାପାତ୍ର, ଅଧିବକ୍ତା ପବନ ଶର୍ମା, ଗିରିଧାରୀ ନାଥ, ଅଗଣି ଜେନା, ଅରୁଣ ଚାନ୍ଦ, ପୂର୍ଣ୍ଣଚନ୍ଦ୍ର ମହାନ୍ତି, ପ୍ରଫୁଲ୍ଲ ସାମଲ, ଶିକ୍ଷକ ରବିନାରାୟଣ ପଣ୍ଡା, ଗୋବର୍ଦ୍ଧନ ସାମଲ, ଭଦ୍ରକ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ରାମଚନ୍ଦ୍ର ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ। ଅଶୋକ ଦ୍ୱିବେଦୀ ଓ ଗୌରାଙ୍ଗ ମହାନ୍ତି ସଂଯୋଜନା କରିଥିଲେ।

# ଡିଏସ୍‌ଡିଡି ଏଫ୍‌ସି ବାଲିଆପାଳ ଚାମ୍ପିୟନ

## ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

ନୀଳଗିରି, ୮।୧୦(ସ୍ୱ.ପ୍ର.)

ନୀଳଗିରି ବ୍ଲକ ଭଉଁରିଆବାଡ଼ ପଞ୍ଚାୟତରେ ଥିବା ତେରେଲଡିହି ପଡ଼ିଆରେ ଜୁମିଦ ଖେରୱାଲ ଆଥଲେଟିକ କ୍ଲବ (ଜେକେଏସି) ପକ୍ଷରୁ ଏହାର ପ୍ରତିଷ୍ଠାତାଙ୍କ ସ୍ମୃତିରେ ୨୮ତମ ୨ଦିନିଆ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ପ୍ରଥମ ଦିନରେ ନୀଳଗିରି ବ୍ଲକ ଅଧ୍ୟକ୍ଷା ଶୁଭଲକ୍ଷ୍ମୀ ମାଝୀ ଉପସ୍ଥିତ ରହି ଖେଳକୁ ଉଦ୍‌ଘାଟନ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ନୀଳଗିରି ବିଜେଡି ନେତା ସନ୍ତୋଷ ଖଟୁଆ ଓ ସମ୍ମାନନୀୟ ଅତିଥି ଭାବେ ରାଜ୍ୟ ବିଜେଡିର ଯୁଗ୍ମ ସମ୍ପାଦକ ଗତିକୃଷ୍ଣ ନନ୍ଦ, ବ୍ଲକ ଅଧ୍ୟକ୍ଷା ଶୁଭଲକ୍ଷ୍ମୀ ମାଝି, ସାହାରପଡ଼ା ତହସିଲଦାର ବାବାଜୀ ସିଂ, କାନ୍ଦନ ମାଝି, ଫ୍ରାନସିସ୍ ବେକନ ସ, ରବି ନାୟକ ପ୍ରମୁଖ ଉପସ୍ଥିତ ରହି ଖେଳାଳୀଙ୍କୁ ଉତ୍ସାହିତ କରିଥିଲେ। ଏହି ଟୁର୍ଣ୍ଣାମେଣ୍ଟରେ ୧୬ଟି ଟିମ୍ ଭାଗ ନେଇଥିଲେ। ଫାଇନାଲରେ ଫୋର୍ସ ଫାଇଟର ବାଲେଶ୍ୱର ଓ ଡିଏସ୍‌ଡିଡି ଏଫ୍‌ସି ବାଲିଆପାଳ ମଧ୍ୟରେ ଖେଳ ହୋଇଥିଲା। ଡିଏସ୍‌ଡିଡି ଏଫ୍‌ସି ବାଲିଆପାଳ ଟିମ୍ ୬-୫ ପେନାଲ୍‌ଟି ଗୋଲରେ ଫୋର୍ସ ଫାଇଟର ବାଲେଶ୍ୱରକୁ ପରାସ୍ତ କରି ବିଜେତା ହୋଇଥିଲା। ଫାଇନାଲ ମ୍ୟାଚରେ ମୁଖ୍ୟଅତିଥି ବିଜେତା ଦଳକୁ ଟ୍ରଫି ଓ ପୁରସ୍କାର ବିତରଣ କରିଥିଲେ। ଏହି ଟୁର୍ଣ୍ଣାମେଣ୍ଟରେ ୩ଜଣ ଅବସରପ୍ରାପ୍ତ ସଦସ୍ୟ ଓ ଜଣେ ଛାତ୍ରୀଙ୍କୁ ତଥା (ଜେଲ ଡିଆଇଜି) ରଘୁନାଥ ମାଝି, ପୋଲିସ ଆଇଆଇସି ଲମ୍ବୋଧର ମାଝି ଏବଂ ଶିକ୍ଷକ ସୋମନାଥ ଟୁଡୁ ସହିତ ତେରେଲଡିହି ଗାଁର ଛାତ୍ରୀ ଜ୍ୟୋତିପ୍ରିୟା ମାଝିଙ୍କୁ କ୍ଲବ ପକ୍ଷରୁ ସମ୍ମାନିତ କରାଯାଇଥିଲା। ଜେକେଏସି କ୍ଲବ ସଭାପତି ମଦନ ମୋହନ ମାଝି, ସମ୍ପାଦକ ଗୋବିନ୍ଦ ଚନ୍ଦ୍ର ମାଝି, କୋଷାଧ୍ୟକ୍ଷ ଶରତ ଚନ୍ଦ୍ର ମାଝି, ସଦସ୍ୟ ଫାଗୁ ମାଝି, ଭରତ ଚନ୍ଦ୍ର ମାଝି ପ୍ରମୁଖ ସହଯୋଗ କରିଥିଲେ। ଟୁର୍ଣ୍ଣାମେଣ୍ଟର ପ୍ରଥମ ପୁରସ୍କାର ବିଜେତା ଦଳ ପାଇଁ ୪୦ହଜାର ଟଙ୍କା, ଉପ-ବିଜେତା ୩୦ ହଜାର ଟଙ୍କା ଏବଂ ସେମି ଫାଇନାଲରେ ପ୍ରଥମ ଦିନ ଏବଂ ଦ୍ୱିତୀୟ ଦିନରେ ହାରିଥିବା ଦଳକୁ ୫ ହଜାର ଟଙ୍କା ନଗଦ ପୁରସ୍କାର ଦିଆଯାଇଥିଲା।

# ଅପେକ୍ଷାରେ ୨ ଦଶନ୍ଧି

## ଅଧାପନ୍ତରିଆ ଆନନ୍ଦପୁର, କାନପୁର, ସୁବର୍ଣ୍ଣରେଖା ସେଚ ପ୍ରକଳ୍ପ

## ବୈତରଣୀରେ ବନ୍ୟା ନିୟନ୍ତ୍ରଣ ଆଶା ବୃଥା

ଯାଜପୁର ଅଫିସ,୮।୧୦

ଯାଜପୁର ଜିଲା ଦେଇ ପ୍ରବାହିତ ବୈତରଣୀ ନଦୀରେ ପ୍ରାୟ ପ୍ରତିବର୍ଷ ବନ୍ୟା ପରିସ୍ଥିତି ସୃଷ୍ଟି ହେଉଛି। ଏହାକୁ ନିୟନ୍ତ୍ରଣ କରିବାକୁ ନଦୀର ଉପରମୁଣ୍ଡ ଆନନ୍ଦପୁର ଏବଂ କାନପୁରଠାରେ ୨ଟି ସମନ୍ୱିତ ଜଳ ସେଚନ ପ୍ରକଳ୍ପ ନିର୍ମାଣାଧୀନ ରହିଛି। ଏହି ଦୁଇ ପ୍ରକଳ୍ପ ପ୍ରାୟ ୨ ଦଶନ୍ଧି ହେଲା ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇଥିଲେ ହେଁ ଏଯାଏ କାର୍ଯ୍ୟ ଅଧାପନ୍ତରିଆ ହୋଇରହିଛି। ଏହି କାରଣରୁ ବୈତରଣୀ ନଦୀରେ ବନ୍ୟା ନିୟନ୍ତ୍ରଣ ଆଶା ପୂରଣ ହୋଇପାରୁନାହିଁ। ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର ନୈରାଶ୍ୟଜନକ ଅଗ୍ରଗତି ଉପରେ ଜଳ ସମ୍ପଦ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏହିକ୍ରମରେ ସାଲପଡ଼ା, ବସୁଦେବପୁର ଓ ଲକ୍ଷ୍ମୀପୋଷି ଜଳ ସମ୍ପଦ ବିଭାଗ ଅଧିକାରୀମାନଙ୍କୁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରି ପ୍ରକଳ୍ପଗୁଡ଼ିକ ନିର୍ଦ୍ଧାରିତ ସମୟ ମଧ୍ୟରେ ଶେଷ କରିବାକୁ ସ୍ୱତନ୍ତ୍ର ସଚିବ ମୁକୁଳ ଚନ୍ଦ୍ର ବେରା ନିର୍ଦ୍ଦେଶ ଜାରି କରିଛନ୍ତି।

୨୦୦୫-୦୬ରେ ବୈତରଣୀ ନଦୀ ଉପରେ ଆନନ୍ଦପୁର ବ୍ୟାରେଜ ପ୍ରକଳ୍ପ କାର୍ଯ୍ୟ ହାତକୁ ନିଆଯାଇଥିଲା। ୫ ବର୍ଷ ମଧ୍ୟରେ ନିର୍ମାଣ ଶେଷ ହେବା ପାଇଁ ଲକ୍ଷ୍ୟ ଥିଲା। ଏଥିପାଇଁ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ପକ୍ଷରୁ ୨୮୬୪.୩୬ କୋଟି ଟଙ୍କା ମଞ୍ଜୁର ହୋଇଛି। ହେଲେ ଏଯାଏ ମାତ୍ର ୧୭୧୫.୯୩କୋଟିଟଙ୍କା ଖର୍ଚ୍ଚହୋଇ ପାରିଛି। ଏଥିରେ ହେଡ୍ ୱାର୍କ ଶତପ୍ରତିଶତ ସମ୍ପୂର୍ଣ୍ଣ ହୋଇଥିବାବେଳେ ମେନ୍ କେନାଲ କାର୍ଯ୍ୟ ୭୩% ଓ ଡିଷ୍ଟ୍ରିବ୍ୟୁଶନ ସିଷ୍ଟମ କାର୍ଯ୍ୟ ମାତ୍ର ୫% ସମ୍ପୂର୍ଣ୍ଣ ହୋଇଥିବା ରିପୋର୍ଟରେ ଦର୍ଶାଯାଇଛି। ଏହି ପ୍ରକଳ୍ପ ସମ୍ପୂର୍ଣ୍ଣ ହେଲେ ୫୬,୭୨୦ ହେକ୍ଟର ଜମି ଜଳସେଚିତ ହୋଇପାରିବ। ଏଥିପାଇଁ ଡାହାଣ ପାର୍ଶ୍ୱରେ ୯ କିମି ଏବଂ ବାମ ପାର୍ଶ୍ୱରେ ୨୮.୫୦ କିମି ଦୈର୍ଘ୍ୟ କେନାଲ ନିର୍ମାଣ ହେଉଛି। ତେବେ ଜମି ଅଧିଗ୍ରହଣରେ ସମସ୍ୟା ପ୍ରକଳ୍ପ ସମ୍ପୂର୍ଣ୍ଣତାରେ ଅନ୍ତରାୟ ସାଜିଛି ବୋଲି ବିଭାଗ ପକ୍ଷରୁ କୁହାଯାଇଛି। କେନାଲ ନିର୍ମାଣ ପାଇଁ ଆବଶ୍ୟକ ୩.୬୪ ହେକ୍ଟର ଜମିରୁ ୧.୫୧ ହେକ୍ଟର ଜମିର ପାଉଣା ପ୍ରଦାନ ପ୍ରକ୍ରିୟାରେ ରହିଛି। ଅନ୍ୟପକ୍ଷେ ୨.୧୩ ହେକ୍ଟର ଜମିର ଅଧିଗ୍ରହଣ ହୋଇ ପାରିନାହିଁ। ବାମପାର୍ଶ୍ୱ କେନାଲ ପାଇଁ ଆବଶ୍ୟକ ୫୧୮.୩୨ ହେକ୍ଟର ଜମିରୁ ୫୧୬.୭୯ ହେକ୍ଟର ଜମି ମିଳିସାରିଛି। ବାକି ୧.୫୩ ହେକ୍ଟର ଜମି ଅଧିଗ୍ରହଣରେ ବିଳମ୍ବ ହେଉଛି। ୨୦୨୪ ଜାନୁୟାରୀ ସୁଦ୍ଧା ଏହି ପ୍ରକଳ୍ପ ଶେଷ ହେବ ବୋଲି ବିଭାଗ ପକ୍ଷରୁ ଦାବି ହୋଇଛି। ଏଭଳି ସ୍ଥିତିରେ ଆନନ୍ଦପୁର ପ୍ରକଳ୍ପ ଅଧାପନ୍ତରିଆ ଅବସ୍ଥାରେ ରହିଥିବାରୁ ବୈତରଣୀ ନଦୀର ତଳମୁଣ୍ଡ ଅଞ୍ଚଳବାସୀ ବନ୍ୟା ସମୟରେ ନାହିଁ ନ ଥିବା ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି।

ସେହିପରି ୨୦୦୩-୦୪ରେ କାନପୁର ଜଳସେଚନ ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ହୋଇଥିବାବେଳେ ଅଦ୍ୟାବଧି ୮୧% ଶେଷ ହୋଇଥିବା ବିଭାଗ ପକ୍ଷରୁ ରିପୋର୍ଟରେ ଦର୍ଶାଯାଇଛି। ଏହାସହ ଆବଣ୍ଟିତ ୨୩୦୧.୨୮ କୋଟି ଟଙ୍କାରୁ ୧,୮୭୩.୬୭ କୋଟି ଟଙ୍କା ଖର୍ଚ୍ଚ ହୋଇ ସାରିଛି। ଏଥିରେ ପ୍ରଧାନମନ୍ତ୍ରୀ କୃଷି ସେଚ ଯୋଜନାରେ ୨୦୧୬ରୁ ୧୦୯୨.୮୨ କୋଟି ଟଙ୍କାରୁ ୬୬୫.୨୭ କୋଟି ଖର୍ଚ୍ଚ କରାଯାଇଛି। ବୈତରଣୀ ନଦୀରେ ଏହି ପ୍ରକଳ୍ପର ଲମ୍ବ ୩.୪୬୦ କିମି ଏବଂ ଉଚ୍ଚତା ୩୯.୫୦ ମିଟର ରହିଛି। ଏଥିରେ ମୁଖ୍ୟ କେନାଲର ଲମ୍ବ ୭୮.୨୧ କିମି ରହିଥିବାବେଳେ ୭ଟି ଡିଷ୍ଟ୍ରିବ୍ୟୁଟାରୀ ରହିଛି। ନିର୍ମାଣ ସମୟ ୫ ବର୍ଷ ଧାର୍ଯ୍ୟ ହୋଇଥିଲେ ହେଁ କାର୍ଯ୍ୟ ଶେଷ ହେଉନାହିଁ। ଏହି ପ୍ରକଳ୍ପ ସମ୍ପୂର୍ଣ୍ଣ ହେଲେ ୪୭,୭୦୯ ହେକ୍ଟର ଜମିରେ ଜଳସେଚନ ହୋଇପାରିବ। ତେବେ ୩୧୦.୧୧ ହେକ୍ଟର ଜମି ଜଙ୍ଗଲ ଓ ପରିବେଶ ମଞ୍ଜୁରୀ ଅପେକ୍ଷାରେ ରହିଥିବାରୁ ପ୍ରକଳ୍ପର ଅଗ୍ରଗତିରେ ବାଧା ସୃଷ୍ଟି ହୋଇଥିବା କୁହାଯାଇଛି। ଏହି ପ୍ରକଳ୍ପରେ ଆବଶ୍ୟକ ୭୬୦୦.୬୦ ଏକର ମଧ୍ୟରୁ ୫୭୮.୫୨ ଏକର ଜମି ଅଧିଗ୍ରହଣ ହେବାର ବାକି ରହିଛି। ସମୁଦାୟ ୪,୪୩୪ ବିସ୍ଥାପିତଙ୍କ ମଧ୍ୟରୁ ୩,୯୩୩ ଲୋକଙ୍କୁ ସ୍ଥାନାନ୍ତରଣ କରାଯାଇଛି।

ଅନ୍ୟପକ୍ଷରେ ୧୯୯୬-୯୭ରେ ଆରମ୍ଭ ହୋଇଥିବା ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପ କାର୍ଯ୍ୟ ୯୨% ସରିଛି। ବ୍ୟୟ ଅଟକଳ ୪୪୫୫.୬୮ କୋଟି ଟଙ୍କାରୁ ଅଧିକ ଅର୍ଥାତ୍ ୪୮୮୨.୦୭ କୋଟି ଖର୍ଚ୍ଚ ହୋଇ ସାରିଛି। ୫ ବର୍ଷ ମଧ୍ୟରେ ନିର୍ମାଣ କାର୍ଯ୍ୟ ଶେଷ କରିବାକୁ ଧାର୍ଯ୍ୟ ହୋଇଥିଲା। କିନ୍ତୁ ଏବେ ଯାଏ ପ୍ରକଳ୍ପ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇ ପାରିନାହିଁ। ଉପରୋକ୍ତ ପ୍ରକଳ୍ପଗୁଡ଼ିକରେ ଏକାଧିକ କାର୍ଯ୍ୟ ନିର୍ମାଣାଧୀନ ଥିବାରୁ ଉପଯୁକ୍ତ ପରିଚାଳନାର ଆବଶ୍ୟକତା ରହିଛି ବୋଲି ସଚିବ ପରାମର୍ଶ ଦେଇଛନ୍ତି।



